## ସଂକ୍ଷେପରେ

### ଦୋକାନରେ ଟଳି ପଡ଼ିଲେ ବ୍ୟବସାୟୀ

ଅସୁରାଳି,୧୬।୬ (ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକର ଶହୀଦନଗରଠାରେ ଜଣେ ବ୍ୟବସାୟୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ରବୀନ୍ଦ୍ର ସାହୁ(୪୫)। କଟସାହି ପଞ୍ଚାୟତ ପାଟଣା ଗ୍ରାମର ଅନାମ ସାହୁଙ୍କ ପୁଅ ରବୀନ୍ଦ୍ର ଶନିବାର ଅପରାହ୍ନରେ ଶହୀଦନଗରସ୍ଥିତ ତାଙ୍କ ଫେବ୍ରିକେସନ ଦୋକାନରେ ଥିବାବେଳେ କୌଣସି କାରଣରୁ ଟଳି ପଡ଼ିଥିଲେ। ଅନ୍ୟ ଦୋକାନୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତ କିମ୍ବା ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତାଙ୍କ ବିୟୋଗରେ ଶହୀଦନଗର ବଣିକ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

# ବାବୁଲିଙ୍କ ପାଖରେ ପହଞ୍ଚିଲା ଡାକ୍ତରୀ ଟିମ୍

**ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ତତ୍ପର**

ଭଦ୍ରକ,୧୬।୬ (ସନାତନ ରାଉତ)


ଚାନ୍ଦବାଲି ବ୍ଲକ ମାଧପୁର ଗ୍ରାମର ବାବୁଲିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତର ଘରକୁ ଆସିଛନ୍ତି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମାଧପୁର ଗ୍ରାମର ସ୍ନାୟୁଗତ ଜଟିଳ ରୋଗରେ ପୀଡ଼ିତ ୧୪ ବର୍ଷୀୟ ବାବୁଲି ବାରିକଙ୍କ ପାଖରେ ରବିବାର ପହଞ୍ଚିଛି ଡାକ୍ତରୀ ଟିମ୍। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ତତ୍ପର ହୋଇଥିବା ବେଳେ ତ୍ୱରିତ ପଦକ୍ଷେପ ସ୍ୱରୂପ ଡାକ୍ତରୀ ଟିମ୍ ଉକ୍ତ ଗ୍ରାମକୁ ଯାଇ ବାବୁଲିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି।

ମାଧପୁର ଗ୍ରାମର ଚିନ୍ତାମଣି ବାରିକ ଏବଂ ଝରଣା ବାରିକଙ୍କ ପୁଅ ବାବୁଲି ଶୈଶବର ଆରମ୍ଭରୁ ସ୍ନାୟୁଜନିତ ବିରଳ ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗି ଆସୁଛନ୍ତି। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ବ୍ୟୟବହୁଳ ଚିକିତ୍ସା ପାଇଁ ଅସମର୍ଥ। ବାବୁଲିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ବିଭିନ୍ନ ସୋସିଆଲ ମିଡିଆ ଓ ଗଣମାଧ୍ୟମରୁ ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାବୁଲିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ଏକ ଡାକ୍ତରୀ ଦଳ ମାଧପୁରସ୍ଥିତ ବାବୁଲିଙ୍କ ଘରକୁ ପଠାଯାଇଥିଲା। ସେଠାରେ ତାଙ୍କ ରୋଗର ପରୀକ୍ଷା ନିରୀକ୍ଷା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେବା ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ଅନୁସାରେ ସାହାଯ୍ୟ ସହଯୋଗ ପ୍ରଦାନ ପାଇଁ ଉକ୍ତ ପରିବାର ସହ ଜିଲା ପ୍ରଶାସନ ଯୋଗାଯୋଗରେ ରହିଥିବା ଜିଲାପାଳ କହିଛନ୍ତି।

# ବିଶ୍ୱ କର୍ଦ୍ଦମ ଦିବସ: ମାଟି, ପାଣି ଓ ପବନର ସୁରକ୍ଷା ପାଇଁ ସଂକଳ୍ପ



କର୍ଦ୍ଦମ ଦିବସ ପାଳନ ଅବସରରେ ସାଳନ୍ଦୀ ନଦୀଘାଟରେ ସଚେତନତା କରାଯାଉଛି।

ଭଦ୍ରକ,୧୬।୬ (ସନାତନ ରାଉତ/ ରବିନାରାୟଣ ଖିଲାର)

ମାଟି, ପାଣି ଓ ପବନର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଲକ୍ଷ୍ୟରେ ପ୍ରତିବର୍ଷ ଭଳି ଭଦ୍ରକର ପ୍ରକୃତିପ୍ରେମୀମାନେ ବିଶ୍ୱ କର୍ଦ୍ଦମ ଦିବସ ପାଳନ କରିଛନ୍ତି। ସମଗ୍ର ବିଶ୍ୱ ତାପମାତ୍ରା ବୃଦ୍ଧି ଜନିତ ସମସ୍ୟାରେ ଜର୍ଜରିତ ହେଉଥିବା ବେଳେ ଭଦ୍ରକ ଆରଡ଼ି ରାସ୍ତା ସମ୍ପ୍ରସାରଣ ନାଁରେ ରାସ୍ତାକଡ଼ରେ ଥିବା ଶତାଧିକ ଗଛ କାଟି ଦେବାକୁ ବିରୋଧ କରି ଅଂଶଗ୍ରହଣକାରୀମାନେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଏକ ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଭଦ୍ରକ ସହର ଉପକଣ୍ଠ ସାହାପୁର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ସାଳନ୍ଦୀ ନଦୀଘାଟରେ ଦେହରେ କାଦୁଅ ବୋଳି ହୋଇ ସଚେତନତା ପାଇଁ ପ୍ରୟାସ କରିଥିଲେ। କାଦୁଅ କେବଳ ଆମ ଶରୀର ପାଇଁ ଉପକାରୀ ନୁହେଁ ବରଂ ଆର୍ଦ୍ରଭୂମି ପରିବେଶ ସନ୍ତୁଳନ ଲାଗି ଅପରିହାର୍ଯ୍ୟ ବୋଲି କର୍ଦ୍ଦମ ଦିବସର ପ୍ରତିଷ୍ଠାତା ପରିବେଶବିତ୍ ତଥା ସୁପ୍ରିମକୋର୍ଟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଶେଷରେ ମାଟି, ପାଣି ଓ ପବନର ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ ପାଠ କରିଥିଲେ। ସାମାଜିକ କର୍ମୀ ଜଗନ୍ନାଥ କର, ଅଜୟ ଜେନା, ଶୁଭମ୍ ସେଠୀ, ରଞ୍ଜନ କୁମାର ତ୍ରିପାଠୀ, କାହ୍ନା ପଣ୍ଡା, ସିତାକାନ୍ତ ତ୍ରିପାଠୀ, କଳାକାର ମନୋଜ ପଣ୍ଡା, ନିଶା ନିବାରଣ ଅଭିଯାନ କାର୍ଯ୍ୟକର୍ତ୍ତା ସୁଶାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ସରିଲା ରଜ ମହୋତ୍ସବ



ମହୋତ୍ସବର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୧୬।୬ (ରବିନାରାୟଣ ଖିଲାର)

ମନମୋହନ ସଙ୍ଗୀତ ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନହଲ୍‌ଠାରେ ଦୁଇଦିନ ଧରି ଚାଲିଥିବା ୭୨ତମ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ଆଇନଜୀବୀ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଏମ୍‌ପି ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତ୍ୟାଗଭୂମି ସଭାପତି ଅଜୟ ନାୟକ, ସାମାଜିକ କର୍ମୀ ତଥା ବିଧାୟକଙ୍କ ପ୍ରତିନିଧି ଶେଖର ମହାପାତ୍ର ଓ ବ୍ୟୋମକେଶ ସେନାପତି ଯୋଗ ଦେଇଥିଲେ। କମିଟିର ସ୍ଥାୟୀ ସମ୍ପାଦକ ରାମନାରାୟଣ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନୀହାର ରଞ୍ଜନ କର, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ସହ କୃଷି ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାୟ, କଳାକାର ନିମାଇଁ ସାହୁ, ସାମାଜିକ କର୍ମୀ ସୁଧାକର ରାଉତ ପ୍ରମୁଖ ଯୋଗଦେଇ ରଜପର୍ବର ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ମଞ୍ଚ ଆମନ୍ତ୍ରଣ କରିଥିଲେ କଳାକାର କାଳନ୍ଦୀ ମଲ୍ଲିକ। ଏହି ଅବସରରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଗାଁ ମାଟିରେ ପୂଜାର୍ଚ୍ଚନା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ତିହିଡ଼ି,୧୬।୬ (ସଞ୍ଜିତ ବଳ)


ମଙ୍ଗରାଜପୁର ଗ୍ରାମସ୍ଥିତ ମା' ଭବାନୀଙ୍କ ମନ୍ଦିର ଆଗରେ ଦଳୀୟ ନେତାଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରବିବାର ପୂର୍ବାହ୍ନରେ ନିଜ ଗାଁ ମାଟିରେ ପୂଜାର୍ଚ୍ଚନା କରିଛନ୍ତି। ନିଜ ଗାଁ ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମସ୍ଥିତ ମା' ଭବାନୀଙ୍କ ମନ୍ଦିରରେ ସେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ବାପା ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ ଏକ ସୁସଜ୍ଜିତ ଖୋଲାଗାଡ଼ିରେ ମନ୍ତ୍ରୀ ତିହିଡ଼ି ବଜାର ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ସେ ଅଚକ, ଦୋଳସାହି, ଗୁଆମାଳ, କୁବେରା, ବିଲଣା, ବୋଡ଼କ ପଞ୍ଚାୟତ ପରିକ୍ରମା କରିବା ପରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଈଶ୍ୱରପୁରଠାରେ ପହଞ୍ଚିଥିଲେ। ଏସବୁ ସ୍ଥାନରେ ତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ମା' ଦପାନାୟକାଣୀଙ୍କୁ ଦର୍ଶନ କରିବା ପରେ ସେ ଧାମନଗର ବ୍ଲକର ଅସୁରାଳିକୁ ଯାତ୍ରା କରିଥିଲେ। ମନ୍ତ୍ରୀଙ୍କ ସହ ତାଙ୍କ ପ୍ରିତିନିଧି ବୁଦ୍ଧଦେବ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଭାଜପା ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ବରିଷ୍ଠ ନେତା ରଘୁନାଥ ପାତ୍ର, ସିତାକାନ୍ତ ନାୟକ, ସରପଞ୍ଚ ପ୍ରଦୀପ ବଳ, ସଞ୍ଜୀବ ବେହେରା, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ସୁଶାନ୍ତ ସେଠୀ, ଝରଣା ଜେନା, ଦେବେନ୍ଦ୍ର ପୁହାଣ, ତପନ ପାଢ଼ୀ, ରଘୁନାଥ ମଲିକ, ରବୀନ୍ଦ୍ର ଶତପଥୀ, ପ୍ରତାପ ଜେନା, ରାଜକିଶୋର ନାୟକ, କେଶବ ବେହେରା, ଅନାଦି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# 'ନିଃସ୍ୱାର୍ଥପର ସେବା ପ୍ରତିଦାନ ହୋଇ ଫେରେ'

ତିହିଡ଼ି,୧୬।୬(ସଞ୍ଜିତ ବଳ)

**'କୁଣ୍ଡି କଟକର ବାଇମୁଣ୍ଡି' ଜୀବନୀ ଗ୍ରନ୍ଥ ଲୋକାର୍ପିତ**

ତିହିଡ଼ି ବ୍ଲକ ପାଳିଆବିନ୍ଧା ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକଙ୍କ ଜୀବନୀ ଗ୍ରନ୍ଥ 'କୁଣ୍ଡି କଟକର ବାଇମୁଣ୍ଡି' ରବିବାର ଲୋକାର୍ପିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିରଞ୍ଚି ନାରାୟଣ ମନ୍ଦିର ଅତିଥି ଭବନ ପରିସରରେ ପ୍ରାବନ୍ଧିକ ଡ. ବିଶ୍ୱରଞ୍ଜନ ଦାସ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଥାକାର ମନୋଜ କୁମାର ମହାପାତ୍ର ଯୋଗଦେଇ ଜୀବନରେ ନିଃସ୍ୱାର୍ଥପର ସେବା ଦିନେ ନା ଦିନେ ପ୍ରତିଦାନ ହୋଇ ଫେରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସ୍ତମ୍ଭକାର ନିରଞ୍ଜନ ପାଢ଼ୀ, ବରେଣ୍ୟ ଅତିଥି ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବରିଷ୍ଠ ପ୍ରାବନ୍ଧିକ କୀର୍ତ୍ତନ ନାରାୟଣ ଦାସ ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଡା. ସଞ୍ଜୟ ଦାସ, ଏସ୍.ଏମ୍. ଫାରୁକ, ଅଶୋକ କୁମାର ବଳ, ଆଇନଜୀବୀ ଦିବ୍ୟସିଂହ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ଡ. ରାଧାରାଣୀ ମହାପାତ୍ର, ଅଧ୍ୟାପକ ଅଜୟ ପାତ୍ର, ରାଜେନ୍ଦ୍ର ନାରାୟଣ ଦାସ, ଲକ୍ଷ୍ମୀ ମହାପାତ୍ର, ଦେବେନ୍ଦ୍ର ମହାଳିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ମୁକ୍ତିକାନ୍ତ ନାୟକ ଓ ମୁକୁନ୍ଦଦେବ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବଚିକା ବିଶ୍ୱମୈତ୍ରୀ ନାୟକ ଓ ପ୍ରଫୁଲ୍ଲ ପାଢ଼ୀ ବେଦପାଠ କରିଥିଲେ। ଶିକ୍ଷାବିତ୍ ଅଶ୍ୱିନୀ କୁମାର ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଇଂ. ମହେଶ ଦାସ, କଥାକାର ଭଗବାନ ନାୟକ, କବି ମଥୁରାମୋହନ ବେହେରା, ଶୀତଳ ବେହେରା, ଆଶୁତୋଷ କରଣ, ନିର୍ମଳ ଦଳାଇ, ଗୋଲକ ପ୍ରସାଦ ବୈୟାରୀ, ପ୍ରକାଶକ ବିକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଅର୍ଚ୍ଚନା ନାୟକ, ସୁଧନ୍ୱା ନାୟକ, ଗୌତମ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ଜୀବନୀ ଗ୍ରନ୍ଥ ଲୋକାର୍ପଣ କରୁଛନ୍ତି।

# ପ୍ରଜ୍ଞାପୀଠରେ ରଜ ଆସର

ଭଦ୍ରକ,୧୬।୬(ସନାତନ ରାଉତ)


ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ସାହିତ୍ୟ, ସଂସ୍କୃତି ସଙ୍ଗଠନ 'ଆମେ' ଆନୁକୂଲ୍ୟରେ ଭଦ୍ରକ କଲେଜ ପରିସରରେ ଥିବା ପ୍ରଜ୍ଞାପୀଠରେ ରଜ ମହୋତ୍ସବ ଓ ପୁସ୍ତକ ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟସୂର୍ଯ୍ୟ ବିଜୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମନୀନ୍ଦ୍ର ମହାନ୍ତି ଓ ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ କଥାକାର ରଜନୀକାନ୍ତ ମହାନ୍ତି ଯୋଗଦେଇ ପଲ୍ଲୀଜୀବନ, ସହର ଜୀବନରେ ଗଣପର୍ବ ରଜର ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଧୀରେ ଧୀରେ ଓଡ଼ିଶାର ଆଭିଜାତ୍ୟ, ପରମ୍ପରା ଲୋପ ପାଇ ଯାଉଥିବା ନେଇ ମୁଖ୍ୟବକ୍ତା କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ନାଟ୍ୟ ଗୌରବ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ଦୁଇଟି ମଞ୍ଚ ନାଟକ ପୁସ୍ତକ 'ଶାରିପୁତ୍ତ' ' ଓ 'ଅମର ଶହୀଦ ଖୁଦିରାମ୍ ବୋଷ୍' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଡ. ପ୍ରଫୁଲ୍ଲ କୁମାର ସାହୁ ଓ ଡ. ସୁଦର୍ଶନ ବାରିକ ନାଟକ ଦୁଇଟିର ସମୀକ୍ଷା କରିଥିଲେ। ଡ. କୃପାସିନ୍ଧୁ ନାୟକ, ଅନୁଷ୍ଠାନର ସଭାପତି ଲଲାଟେନ୍ଦୁ ମହାନ୍ତି, ଆଇନଜୀବୀ ଅଗଣି ଚରଣ ଜେନା, ଗିରିଧାରୀ ନାଥ, ଶିବପ୍ରସାଦ ମହାନ୍ତି, ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ମୌସୁମୀ ମହାନ୍ତି, ଡ. ରମାକାନ୍ତ ନାୟକ, ପ୍ରାଧ୍ୟାପିକା ଭାନୁମତୀ ମାଟିଆ, ଜଗନ୍ନାଥ ରାଉତ, ରୋଟାରିଆନ ଗୟାଧର ପଣ୍ଡା, ଜିଲା କଳା ସଂସ୍କୃତି ମଞ୍ଚର ଉପସଭାପତି ତ୍ରିଲୋଚନ ପଣ୍ଡା, ପଣ୍ଡିତ ଦୟାନିଧି ମିଶ୍ର, ଖବରଦାତା ତପନ କୁମାର ମିଶ୍ର, ଋତୁରାଜ ଅକ୍ଷୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅନୁଷ୍ଠାନର ଯୁବ ସଦସ୍ୟ ଓମ୍‌କାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଏକାଦଶାହରେ କଣ୍ଠଶିଳ୍ପୀଙ୍କ ସ୍ମୃତିଚାରଣ

ଭଦ୍ରକ,୧୬।୬(ସନାତନ ରାଉତ)

ଭଦ୍ରକ ବ୍ଲକର ସିଙ୍ଗଡ଼ାଠାରେ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ନରହରି ଜେନାଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ, ଶିକ୍ଷାବିତ୍ ଗଙ୍ଗାଧର ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୋଲିସ ଅଧିକାରୀ ହୃଷୀକେଶ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟିକ କୁନଚରଣ ପରିଡ଼ା, ଶରତ ଚନ୍ଦ୍ର ଯେନା, ଶିକ୍ଷାବିତ୍ ସଦାନନ୍ଦ ପତି, ମାନସ ରଞ୍ଜନ ପାଣି, ଦିବାକର ସାହୁ, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ପଣ୍ଡା, ଗ୍ରାମବାସୀ ଉମାକାନ୍ତ ବେହେରା, ଅନାଦି ପଲେଇ, ସୁବାକର ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଶଙ୍ଖୁଆ ଓ କାଳନ୍ଦୀ ଚରଣ ଜେନା ସଭା ପରିଚାଳନାରେ ସହଯୋଗ କରିଥିଲେ।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ସମ୍ମାନ


ସମାରୋହରେ ଅତିଥିଙ୍କ ସହ ସମ୍ମାନିତ ଛାତ୍ରୀଛାତ୍ର।

ଧାମନଗର,୧୬।୬(ଦେବେନ୍ଦ୍ର ଆଢିଆ/ସନ୍ତୋଷ କୁମାର ମହାପାତ୍ର)

ନବଜୀବନ ଫାଉଣ୍ଡେଶନ ଓଡ଼ିଶା ଶାଖା ଆନୁକୂଲ୍ୟରେ ଧାମନଗର ବ୍ଲକର ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଛି। ରବିବାର ଧାମନଗର ମହତାବ ସେବା ସଦନ ପରିସରରେ ଖବରଦାତା ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ପ୍ରେରଣା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ତହସିଲଦାର ଦୀପକ କୁମାର ଦାସ, ମୁଖ୍ୟବକ୍ତା ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସମୀର ରଞ୍ଜନ ଗୋସ୍ୱାମୀ, ଅନ୍ୟତମ ଅତିଥି ଓଷ୍ଟାର ସମ୍ପାଦକ ହେମନ୍ତ ସୂତାର, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ଧାମନଗର ପ୍ରେସ କ୍ଲବର ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର ଓ ସାମାଜିକ କର୍ମୀ ସଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ମେଧାବୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଆନନ୍ଦପୁର ବ୍ଲକର ଏବିଇଓ ହେମେନ୍ଦ୍ର ମହାନ୍ତି ଅତିଥି ସ୍ୱାଗତ ଭାଷଣ ଦେଇଥିବା ବେଳେ ଫାଉଣ୍ଡେଶନର ଓଡ଼ିଶା ମୁଖ୍ୟ ମାନସ ରଞ୍ଜନ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅସୁରାଳି ସରସ୍ୱତୀ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ନିତ୍ୟାନନ୍ଦ ପତି, ଏବିଇଓ ମନୋଜ ଜେନା, ଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂହ, ଭାବଗ୍ରାହୀ ଖୁଣ୍ଟିଆ, ଉଜ୍ଜ୍ୱଳ ଦଳାଇ, ହୃଦାନନ୍ଦ କର, ଅରୂପ ନନ୍ଦ, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୮ ଛାତ୍ରୀଛାତ୍ର ଏବଂ ଯୁକ୍ତ ୨ର ୨ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଖବରଦାତା ବିବେକାନନ୍ଦ ସାମଲ ଧନ୍ୟବାଦ ଦେଇଥିଲେ। ଫାଉଣ୍ଡେଶନର କର୍ମକର୍ତ୍ତା ଭରତ ବାରିକ, ଗୌରବ ଗୁପ୍ତା, ସତ୍ୟରଞ୍ଜନ ମଲ୍ଲିକ, ସୁବାଶିଷ ନାୟକ, ସୁଶାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଠେଲାଗାଡ଼ି ବେପାରୀଙ୍କ କବ୍‌ଜାରେ ସହର ରାସ୍ତା

ଭଦ୍ରକ,୧୬।୬(ସନାତନ ରାଉତ)

- ସମ୍ପ୍ରସାରଣ ସତ୍ତ୍ୱେ ସୁଧୁରୁନି ଟ୍ରାଫିକ ସମସ୍ୟା
- ସ୍ଥାୟୀ ପ୍ରତିକାର ପାଇଁ ଦାବି


ଅପର୍ତିବିନ୍ଧା ଛକରେ ଟ୍ରଲି ବ୍ୟବସାୟୀମାନେ।

ଭଦ୍ରକ ସହରର ମୁଖ୍ୟରାସ୍ତାକୁ ସମ୍ପ୍ରସାରଣ କରାଯିବା ପରେ ମଧ୍ୟ ଟ୍ରାଫିକ ସମସ୍ୟା ଦୂର ହୋଇପାରୁନି। ବେଳେବେଳେ ଟ୍ରାଫିକ ଜାମ୍‌ରୁ ଏମିତି ପରିସ୍ଥିତି ସୃଷ୍ଟି ହେଉଛି ଆମ୍ବୁଲାନ୍ସ ଯିବା ବି କଷ୍ଟକର ହୋଇପଡୁଛି। ପ୍ରତ୍ୟେହ ସହରକୁ ଆସୁଥିବା ଲୋକେ ଦୋକାନରୁ କିଛି ଜିନିଷ କିଣିବା ପାଇଁ ନିଜ ବାଇକ୍ ଓ କାର୍ ରଖିବାକୁ ଦହଗଞ୍ଜ ହେଉଛନ୍ତି। ଭଦ୍ରକ ବନ୍ତଛକ, ଟାଉନ ହଲ୍ ଛକ, ପୋଷ୍ଟଅଫିସ ଛକରେ ଟ୍ରଲି, ଠେଲାଗାଡ଼ି ବେପାର ଚାଲୁଥିବା ବେଳେ ଅପର୍ତ୍ତିବିନ୍ଧା ଛକରେ ବେପାର ପାଇଁ ରାସ୍ତା ଉପରେ ଠେଲା ଗାଡ଼ି ଲାଗୁଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି। ଠେଲାଗାଡ଼ି ବେପାରୀଙ୍କ କବ୍‌ଜାରେ ସହର ରାସ୍ତା। ସକାଳେ ଓ ସନ୍ଧ୍ୟାରେ ଅଧିକାଂଶ ସମୟରେ ଟ୍ରାଫିକ ଜାମ୍ ହେଉଥିବା ଦେଖାଯାଉଛି। କିଛି ବର୍ଷ ହେବ କାୟା ବିସ୍ତାର କରିଥିବା ଠେଲା ବ୍ୟବସାୟ ହଟାଇବାକୁ ପୌର ପ୍ରଶାସନ କିମ୍ବା ପୋଲିସର ଦମ୍ ପାଉନି ବୋଲି ଚର୍ଚ୍ଚା ହେଉଛି।

ଭଦ୍ରକ ସହରରେ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି ପାର୍କିଂ ବ୍ୟବସ୍ଥା। ରାସ୍ତାକଡ଼ରେ ଠେଲା ବେପାରୀଙ୍କ କବ୍‌ଜା ପରେ ପାର୍କିଂ ପାଇଁ ଗାଡ଼ି ଚାଳକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଚାରିଚକିଆ ଯାନ ପାର୍କିଂ ପାଇଁ ଲୋକେ ଅସୁବିଧା ଭୋଗୁଛନ୍ତି। ବିଭିନ୍ନ ସମୟରେ ଲୋକେ ଦାବି କରୁଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ହୋଇପାରୁ ନାହିଁ। ଟ୍ରଲିରେ ବେପାର କରି ପରିବାର ଚଳାଉଥିବା ବେପାରୀଙ୍କୁ ଥଇଥାନ କରାଯାଇ ରାସ୍ତା ଉପରୁ ଏହି ବେପାର ବନ୍ଦ କରିବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସୁଫଳ ମିଳିପାରୁ ନାହିଁ। ଗତ ପୌର ନିର୍ବାଚନ ପୂର୍ବରୁ ଟାଉନ ପୋଲିସ ଏବଂ ପୌର ପ୍ରଶାସନ ପକ୍ଷରୁ ସହରକୁ ଠେଲା ବ୍ୟବସାୟମୁକ୍ତ ପାଇଁ ଅଣ୍ଟା ଭିଡ଼ିଥିଲେ। ସହରରୁ କିଛି ଠେଲା ଗାଡ଼ିକୁ ଉଠାଇ ପୌରପାଳିକା କାର୍ଯ୍ୟାଳୟକୁ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଶତାଧିକ ଠେଲା ଓ ଟ୍ରଲି ବ୍ୟବସାୟୀ ପୌର କାର୍ଯ୍ୟାଳୟ ଘେରାଉ କରିଥିଲେ। ପୌର ପ୍ରଶାସନ ଏବଂ ଠେଲା/ଟ୍ରଲି ବ୍ୟବସାୟୀଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ସହରରେ ଟ୍ରଲି ବ୍ୟବସାୟୀମାନେ ୧୦ ମିଟର ଛାଡ଼ି ଛାଡ଼ି ଗୋଟିଏ ଠେଲା ଓ ଟ୍ରଲି ବେପାରୀ ବେପାର କରିବେ। ପୁଣି ରାସ୍ତା ଛାଡ଼ି ଡ୍ରେନ୍ ଉପରେ ବସିବା ପାଇଁ ନିଷ୍ପତ୍ତି ହୋଇଥିଲା। ଗାଡ଼ି ପାର୍କିଂ ପାଇଁ ସମସ୍ୟା ନ ହେବା ସ୍ଥାନରେ ଠେଲାଗାଡ଼ି ଓ ଟ୍ରଲି ରଖିବେ ବୋଲି ସ୍ଥିର ହୋଇଥିଲା। ମାତ୍ର କିଛିଦିନ ପରେ ପୂର୍ବ ଅବସ୍ଥା ଦେଖିବାକୁ ମିଳିଛି। ଏନେଇ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି କହିଛନ୍ତି, ଟ୍ରଲି ବେପାରୀମାନଙ୍କୁ ଥଇଥାନ ପାଇଁ ସରକାରୀ ଜାଗା ଖୋଜାଯାଉଛି। ଜାଗା ନିର୍ଦ୍ଧାରଣ ପରେ ସେମାନଙ୍କୁ ଥଇଥାନ ବ୍ୟବସ୍ଥା କରାଯାଇ ରାସ୍ତା ଉପରୁ ଟ୍ରଲି ଉଚ୍ଛେଦ କରାଯିବ। ନିର୍ବାଚନ ସରିଯାଇଛି। ଏନେଇ ଜିଲା ପ୍ରଶାସନ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ସ୍କୁଟି ଆରୋହୀ ମୃତ

ପାଟଣା,୧୬।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଦାମାହୁଦା ଏଏନ୍ଏମ୍ ସେଣ୍ଟର ନିକଟରେ ଶନିବାର ସନ୍ଧ୍ୟାରେ ରାସ୍ତା ପାର୍ଶ୍ୱ ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କାଦେଇ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ଥାନା କେନ୍ଦୁଯୋଡ଼ା ଗ୍ରାମର ନାରାୟଣ ମାଝୀଙ୍କ ପୁଅ ସୁଦର୍ଶନ (୩୬)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସାହାରପଡା ଫାଣ୍ଡି ପୋଲିସ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା (ନଂ. ୨୪୧/୨୪) ରୁଜୁ ହୋଇଛି।

### କାର୍ ଧକ୍କାରେ ବାଇକ୍ ଚାଳକ ମୃତ

ଢେଙ୍କିକୋଟ, ୧୬।୬(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ୨୦ନଂ. ଜାତୀୟ ରାଜପଥର ମନହରପୁର ପଞ୍ଚାୟତ କଟରାବେଡା ଛକରେ ରବିବାର ଅପରାହ୍ନ ସାଢେ ୪ଟାରେ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସରାସପଶି ପଞ୍ଚାୟତ ଭାଲୁକିପଡଳା ଗ୍ରାମର ଭାଗବତ ନାଏକ (୪୯)। ଗୁରୁତର ଭୋଳବେଡା ପଞ୍ଚାୟତ ରାଇକୁଦୁର ଗ୍ରାମର ଶିରପାଣି ନାଏକ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

### ଅସହାୟଙ୍କୁ ସହାୟତା

ରାମଚନ୍ଦ୍ରପୁର,୧୬।୬(ଗଣେଶ୍ୱର ସା): ଉଚ୍ଚ ରକ୍ତଚାପ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେବାପରେ ଶାରୀରିକ ସାମର୍ଥ୍ୟ ହରାଇ ଗୋଟେ ପ୍ରକାର ଦିବ୍ୟାଙ୍ଗ ପାଲଟି ଯାଇଥିବା କେନ୍ଦୁଝର ଜିଲା ଘସିପୁରା ବ୍ଲକ ଖାଲିଆମେଣ୍ଟା ପଞ୍ଚାୟତ ଧାଉଡିହା ଗ୍ରାମର ଶତ୍ରୁଘ୍ନ ବେଜଙ୍କ ସ୍ତ୍ରୀ ବାସନ୍ତୀ ବେଜଙ୍କୁ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ଜେନା ଏବଂ ପୂର୍ବତନ ସରପଞ୍ଚ ମଧୁ ସାହୁଙ୍କ ପରାମର୍ଶ କ୍ରମେ ଭାଜପା ଯୁବନେତା ସଂଗ୍ରାମ କେଶରୀ ଜେନା ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଧାଉଡ଼ିହା ଗ୍ରାମର ଭାଜପା କର୍ମୀ ସଞ୍ଜୟ ବଳ, ଟୁକୁ ବେହେରା, ଟିକୁନୁ ଚାନ୍ଦ, ଜିତୁନୁ ବେହେରା, ଗୁଲୁ ଜେନା, ମଣ୍ଟୁ ଚାନ୍ଦ, ଚାନ୍ଦ, ଅଜୟ ବଳ, ବାବୁ ଜେନା, ବିକୁନୁ ରାଉତ, ବାବୁନି ଚାନ୍ଦ, ବୁନା ଚାନ୍ଦ, ସୁକା ରାଉତ, ହରିଆ ଯେନା, ମୂଷା ବେହେରାଙ୍କ ମାଧ୍ୟମରେ ଏକ ହୁଇଲ ଚେୟାର ପ୍ରଦାନ କରିବା ସହ ଆଗକୁ ଉନ୍ନତ ମାନର ଚିକିତ୍ସା ଦିଗରେ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ନିଆରା ପରମ୍ପରା ରଜବତୀ ବିବାହ

କେନ୍ଦୁଝର, ୧୬।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ରଜ ପର୍ବ ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ବେଳେ ଏହି ଦିନରେ ରଜବତୀ ବିବାହ ପରମ୍ପରା ନିଆରା। ଜିଲାର ବିଭିନ୍ନ ସ୍ଥାନରେ ଏହି ବିବାହ ଅନୁଷ୍ଠିତ ହୋଇଥିଲେ ହେଁ ସଦର ବ୍ଲକ ଅନ୍ତର୍ଗତ ହର୍ଷପୁର, ସେଣ୍ଢକାପ ଆଦି ଗ୍ରାମରେ ରଜବତୀ ବିବାହ ନିଆରା ଢଙ୍ଗରେ କରାଯାଇଥାଏ। ରଜ ଦୋଳି ସାଙ୍ଗକୁ ରଜବତୀଙ୍କ ବିବାହ ଦେଖିବାକୁ ଭିଡ଼ ଜମେ। ରଜବତୀ ପୂଜା ରଜ ଆରମ୍ଭରୁ ଅନୁଷ୍ଠିତ ହୋଇ ତୃତୀୟ ଦିନ ସେମାନଙ୍କ ବିବାହ ସମ୍ପନ୍ନ ହୋଇଛି। ଗ୍ରାମ ମୁଣ୍ଡରେ ରଜବତୀ ବିବାହ ଆୟୋଜିତ ହୋଇଥିବା ବେଳେ ରଙ୍ଗବେରଙ୍ଗ ଆଲୋକ ସଜ୍ଜା ସାଙ୍ଗକୁ ଆକର୍ଷଣୀୟ ତୋରଣ ଲଗାଯାଇଥିଲା। ବେଦି ତିଆରି ସହ ବର ଦଳ ଶୋଭାଯାତ୍ରାରେ ଆସିଥିଲେ। ମଣ୍ଡପରେ ବାହାଘର ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଭୋଜିଭାତର ଆୟୋଜନ କରାଯାଇଥିଲା। ଗ୍ରାମର ସମସ୍ତେ ଭାଇଚାରାର ମନୋଭାବ ରଖି ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ସୋମବାର ରଜବତୀଙ୍କୁ ଏକ ଶୋଭାଯାତ୍ରାରେ ନେଇ ଗାଁ ମୁଣ୍ଡ ଜଳାଶୟରେ ବିସର୍ଜନ କରାଯିବ।

କେନ୍ଦୁଝର ସଦର ବ୍ଲକର ବିଭିନ୍ନ ଅଞ୍ଚଳରେ ରଜ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ରଜ ଉତ୍ସବରେ ମାଟିରେ ରଜବତୀ ଠାକୁରାଣୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରାଣୀଙ୍କୁ କନ୍ୟା ବେଶରେ ସୁସଜ୍ଜିତ କରି ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ବିଶେଷ କରି ଗ୍ରାମର ଝିଅ ଓ ବୋହୂମାନେ ଏଥିରେ ସାମିଲ ହୋଇଥିଲେ। ଦୋଳି ଗୀତ ଗାଇ ବାଜା ବଜାଇ ଠାକୁରାଣୀଙ୍କୁ ଲୋକେ ବୁଲାଇଥାନ୍ତି। ଏହାପରେ ବିବାହ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇ ବିବାହ ସମ୍ପନ୍ନ କରାଯାଇଛି। ରଜବତୀ ଖୁସି ହେଲେ ଗ୍ରାମ ତଥା ଉକ୍ତ ଅଞ୍ଚଳର ମଙ୍ଗଳ ହେବ ଏବଂ ଭଲ ଚାଷ ହେବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଯିଏ ଯେଉଁଆଡ଼େ ଯାଇଥାନ୍ତି, ସମସ୍ତେ ଗ୍ରାମକୁ ଆସି ଏହି ନିଆରା ବିବାହ ଉତ୍ସବରେ ଯୋଗ ଦେଇଥାନ୍ତି। ଏହା ଗ୍ରାମରେ ଏକତା ରକ୍ଷା କରିବା ସହ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ଏହି ଅନନ୍ୟ ପରମ୍ପରାକୁ ବଜାୟ ରଖିବାକୁ ଉଦ୍ୟମ କରିଆସୁଛୁ ବୋଲି ସେଣ୍ଢକାପ ଗ୍ରାମର ଆୟୋଜକ ରଞ୍ଜନ ବେହେରା କହନ୍ତି। ତେବେ ଆଧୁନିକତା ଚାକଚକ୍ୟ ସତ୍ତ୍ୱେ ଏହି ପୁରୁଣା ପରମ୍ପରାକୁ ଗ୍ରାମବାସୀ ବଜାୟ ରଖିଛନ୍ତି। ପ୍ରଶାସନର ସହଯୋଗରେ ବ୍ୟାପକ କରାଗଲେ ଏହା ଏକ ମହୋତ୍ସବର ରୂପ ନେଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରତ୍ୟେକ ବର୍ଷ ରଜରେ ଏହି ଉତ୍ସବ ପାଳନ କରାଯାଏ। ଏଥିପାଇଁ ୩ ଦିନ ଆଗରୁ ପ୍ରସ୍ତୁତି କରାଯାଇଥାଏ। ଘରଦ୍ୱାର ଲିପାପୋଛା କରାଯାଏ। ନିଜ ଝିଅ ବାହାଘର ଭଳି ଆୟୋଜନ କରାଯାଇଥାଏ ବୋଲି ହର୍ଷପୁରର ହୀରାମଣି ନାଏକ କହନ୍ତି।



### ଛେଳି ଚୋରିକରି କାର୍‌ରେ ନେଉଥିଲେ, ଧରିଲେ ଲୋକେ

ପାଟଣା,୧୬।୬ (ବୀରକିଶୋର ଦାଶ)

ରାସ୍ତାରୁ ଛେଳି ଚୋରି କରି କାର୍‌ରେ ନେଉଥିବା ବେଳେ ୩ଜଣଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ପାଟଣା ପୋଲିସ ରବିବାର ୩ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଠାକୁରପାଟଣା ଗ୍ରାମର ସପୋନ କୁମାର ପୋହି(୩୨), ପାଟଣା ଥାନା ଅଧୀନ ଉଦୟପୁର ଗ୍ରାମର ସତ୍ୟପ୍ରିୟ ପୋହି (୫୭) ଓ ଅଶୋକ କୁମାର ମହାପାତ୍ର (୪୫)। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୨୩୮/୨୪) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଗଦଗଦି ଗ୍ରାମର ଦଶରଥ ମହାନ୍ତଙ୍କ ଛେଳି ରାସ୍ତାରେ ଚରୁଥିବା ବେଳେ ସପୋନ, ସତ୍ୟପ୍ରିୟ ଓ ଅଶୋକ ଚୋରି କରି ଏକ କଳା କାର୍‌ରେ ଉଦୟପୁର ଅଭିମୁଖେ ଯାଉଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ।

# ମା’ ସୀତାଙ୍କୁ ଦର୍ଶନ କଲେ ୫୦ହଜାର ଶ୍ରଦ୍ଧାଳୁ

**ସୀତାବିଞ୍ଜି ମେଳାର ଶେଷ ଦିନ**

ଢେଙ୍କିକୋଟ, ୧୬।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପୌରାଣିକ ଶୈବପୀଠ ସୀତାବିଞ୍ଜି ମେଳାର ରବିବାର ଥିଲା ଶେଷଦିନ। ଏହି ମେଳାକୁ ରାଜ୍ୟ ତଥା ରାଜ୍ୟ ବାହାର ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆସି ମା’ ସୀତା ଠାକୁରାଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଏଠାରେ ଥିବା ବାଲ୍ମୀକି ଋଷିଙ୍କ ଆଶ୍ରମ, ରାବଣ ଛାୟା, ଛତୁର୍ମୁଖୀ ବ୍ରହ୍ମା, ଜମଜ ପୁତ୍ର ଲବ କୁଶଙ୍କ ଏନ୍ତୁଡ଼ିଶାଳ ଏବଂ ସୀତା ଠାକୁରାଣୀଙ୍କ ଭଣ୍ଡାର ଘର ଓ ପଥରରେ ଖୋଦେଇ ପାଣ୍ଡୁଲିପି କୁହାଯାଉଥିବା ସେ କାଳର ଭାଷା ଓ ଶିକ୍ଷାର ନମୁନା ଦେଖିବାକୁ ଭକ୍ତମାନେ ଭିଡ଼ ଜମାଇଥିଲେ। ସୀତା ଠାକୁରାଣୀଙ୍କ ପାଦଦେଶରେ ବୋହି ଯାଉଥିବା ସୀତା ନଦୀରେ ବୁଡ଼ ପକାଇ ମା’ ସୀତା ଠାକୁରାଣୀ ଏବଂ ଲବକୁଶଙ୍କୁ ଦର୍ଶନ କଲେ ପୂର୍ବ ପୁରୁଷଙ୍କ ଆତ୍ମାର ସଦ୍‌ଗତି ହୋଇଥାଏ ଓ ଅପୁତ୍ରିକ ନାରୀ ପୁତ୍ରବତୀ ହୋଇଥାନ୍ତି। ଏଠାରେ ପୂଜା କରୁଥିବା ସଦର ସମ୍ପ୍ରଦାୟର ଦେହୁରୀମାନଙ୍କ କହିବା ଅନୁଯାୟୀ ମା’ଙ୍କର ବାର ଗୁରୁବାର, ଗୁରୁବାର ସକାଳୁ ଶୌଚ ହୋଇ ଯଥାବିଧି ପୂଜା ପାଠ କରି ମନାସିଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ମା’ ସୀତା ଠାକୁରାଣୀଙ୍କଠାରେ ଅଲୌକିକ ଶକ୍ତି ରହିଥିବା ପୂଜକ ପ୍ରକାଶ କରିଛନ୍ତି।



ମେଳାର ଶେଷଦିନରେ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି।

### ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍, ୪ ଆହତ

ବଡ଼ବିଲ, ୧୬।୬ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳର ଠାକୁରାଣୀଠାରେ ପାଣି ଭାଲ୍‌ଭ କନେକ୍ସନକୁ ନେଇ ଶନିବାର ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ଏଥିରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ବଡ଼ବିଲ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ଠାକୁରାଣୀଠାରେ ଏକ ଘରୋଇ କମ୍ପାନୀ ଦ୍ୱାରା ଗଭୀର ନଳକୂପ ଖୋଳାଯାଇ କେତେକ ଘରକୁ ପାଇପ୍ ଲାଇନ ବିଛାଯାଇ ପାଣି ସଂଯୋଗ ଦିଆଯାଇଛି। ଶନିବାର ଅପରାହ୍ନରେ ସେହି ପାଇପ୍ ଲାଇନରୁ ଅନଧିକାର ଭାବେ ଏକ ଗୋଷ୍ଠୀ ଆସି ମୁଖ୍ୟ ପାଇପ୍‌ରୁ ଭାଲ୍‌ଭ କନେକ୍ସନ କରୁଥିବା ବେଳେ ଅନ୍ୟପକ୍ଷ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ଆରମ୍ଭ ହୋଇଯାଇଥିଲା। ଅଭିଯୋଗ ଆଧାରରେ ବଡ଼ବିଲ ଥାନା ପୋଲିସ ୨ଟି ମାମଲା (ନଂ. ୧୯୮/୨୪ ଓ ୧୯୯/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ୪ ଦିନ ହେବ ୫ ଗାଁ ଅନ୍ଧାରରେ

**ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ କଲେ ଅସନ୍ତୁଷ୍ଟ ଲୋକେ**

ପାଟଣା, ୧୬।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଗଛ, ବିଦ୍ୟୁତ୍ ଖୁଣ୍ଟ, ଇନସୁ୍ୟଲେଟର ଭାଙ୍ଗିଯିବାରୁ ୪ ଦିନ ହେବ ଅଘୋଷିତ ବିଦ୍ୟୁତ କାଟ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦେଇପଶୀ ଫିଡର୍‌ରୁ ବିଦ୍ୟୁତ୍ ପାଉଥିବା ୫ଗାଁର ୧୨ଶହରୁ ଊର୍ଦ୍ଧ୍ୱ ପରିବାର ଗତ ୧୩ତାରିଖରୁ ଅନ୍ଧାରରେ ରହିଛନ୍ତି। ଅନ୍ଧାରରେ ଥିବା ଗାଁଗୁଡିକ ହେଲା ପାଟଣା ବ୍ଲକ ଜାମୁନାଳିଆ, ଟାକୁଣ୍ଡାପାଳ ଓ ସଦର ବ୍ଲକ ଜଗନ୍ନାଥପୁର, ବାରଖଣ୍ଡା ଓ କାଣିପଶି। ଶନିବାର ରାତିରେ କାଣିପଶିଠାରେ ବିଦ୍ୟୁତ୍ ମରାମତି କରୁଥିବା ବେଳେ ଅସନ୍ତୁଷ୍ଟ ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ଲାଇନମ୍ୟାନ ଗୟାଧର ମହାନ୍ତ, ମାନସ ମହାନ୍ତ ଓ ସୁପରଭାଇଜର କହ୍ନେଇ ବେହେରା ଗୁରୁତର ହୋଇଛନ୍ତି ବୋଲି ଡୁରୁମୁଙ୍ଗା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଉମେଶ ଚନ୍ଦ୍ର ଭୂଇଆଁ କହିଛନ୍ତି । ଏନେଇ ସଦର ଥାନାରେ ଅଭିଯୋଗ କରାଯାଇଛି। ଏବେ ହାତୀପଲଙ୍କ ତ୍ରିବିନ୍ଧା ଅଞ୍ଚଳରେ ଚଳପ୍ରଚଳ ଥିବାରୁ ବିଦ୍ୟୁତ୍ କାଟ ହୋଇଛି। କାମ ହୋଇ ପାରୁନାହିଁ। ଏନେଇ ଡୁରୁମୁଙ୍ଗା ଏସ୍‌ଡିଓ ଜନ୍ମେଜୟ ବେହେରା କହିଛନ୍ତି ଶନିବାର ରାତି ବିଦ୍ୟୁତ୍ ମରାମତି ଚାଲିଥିବା ବେଳେ ଲୋକଙ୍କ ଆକ୍ରମଣ ନେଇ ଡୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୁରକ୍ଷା ଯୋଗାଇ ଦେବା ପରେ କାମ ଆରମ୍ଭ ହେବ। ବିଦ୍ୟୁତ ସରବରାହ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ନ ହେଲେ ବିଦ୍ୟୁତ ସେକ୍ସନ ଅଫିସ ଆଗରେ ସ୍ଥାନୀୟ ଉପଭୋକ୍ତା ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ରଜରେ ମିଳିଲାନି ଦରମା, କର୍ମଚାରୀ ନିରାଶ

କେନ୍ଦୁଝର, ୧୬।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକାର ବିଭିନ୍ନ ପାର୍କମାନଙ୍କରେ ନିଯୁକ୍ତି ପାଇଥିବା ସିକ୍ୟୁରିଟି ଗାର୍ଡ ଓ ସୁଇପରମାନଙ୍କୁ ଗତମାସର ଦରମା ଅଦ୍ୟାବଧି ମିଳିନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପାଖାପାଖି ୪୨ ଜଣ ସୁଇପର ଓ ସିକ୍ୟୁରିଟି ଗାର୍ଡ ନିୟୋଜିତ ହୋଇଥିବା ବେଳେ ଦରମା ନ ପାଇ ନିରାଶ ହୋଇଛନ୍ତି। କେନ୍ଦୁଝର ଜିଲାର ବଡ଼ ପର୍ବ ରଜ। ତେବେ ଦରମା ମିଳି ନ ଥିବାରୁ ସେମାନଙ୍କ ପାଇଁ ରଜ ଉତ୍ସବ ଫିକା ପଡ଼ିଯାଇଛି। ଯେତେବେଳେ ସମସ୍ତେ ଛୁଟିରେ ଦୋଳି ଖେଳିବା ସହ ନାଚଗୀତରେ ମସଗୁଲ ହେଉଛନ୍ତି ସେତେବେଳେ ଏହି କର୍ମଚାରୀମାନେ ବିନା ଛୁଟିରେ ଡ୍ୟୁଟି କରୁଛନ୍ତି। ଦରମା ମିଳିଥିଲେ ଛୁଆପିଲାଙ୍କ ପାଇଁ ଲୁଗାପଟା କିଣିଥାନ୍ତେ ଏବଂ ପିଠାପଣା କରି ଧୁମଧାମରେ ପର୍ବ ପାଳିଥାନ୍ତେ ବୋଲି ସେମାନେ ଆଶା ରଖିଥିଲେ। ଏନେଇ ପୌରପାଳିକା ଉପାଧ୍ୟକ୍ଷ ବରୋଦା ପ୍ରସନ୍ନ ଦାସଙ୍କୁ ପଚାରିବାରୁ ସେମାନଙ୍କ ନିଯୁକ୍ତି ଆଉଟ ସୋର୍ସିଂ ସଂସ୍ଥା ଜରିଆରେ କରାଯାଇଛି। ପୌରପାଳିକାରୁ ବିଲ ପାସ ହେଲେ ସେମାନଙ୍କୁ ଦରମା ମିଳିଥାଏ। ଏନେଇ କାହିଁକି ଦିଆଯାଇନାହିଁ ତାହା ବୁଝିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବିଲ ହୋଇ ନ ଥିବାରୁ ଦରମା ପୈଠ ହୋଇନାହିଁ ବୋଲି ଜଣାପଡିଛି । ତେବେ ଗରିବ କର୍ମଚାରୀଙ୍କୁ ଉକ୍ତ ନିଯୁକ୍ତି ଦେଇଥିବା ସଂସ୍ଥା ରଜ ପର୍ବ ପାଇଁ ନିଜ ହାତରୁ ସେମାନଙ୍କ ଦରମା ବା ଅଗ୍ରୀମ ଦେଇ ପାରିଥାନ୍ତେ। ପରେ ବିଲ୍ ହୋଇଥିଲେ ବକେୟା ଅର୍ଥ ଦେଇଥାନ୍ତେ। ପୂର୍ବରୁ ମଧ୍ୟ କର୍ମଚାରୀମାନଙ୍କୁ ଠିକ୍ ସମୟରେ ଦରମା ମିଳୁ ନ ଥିବା ଏବଂ ସେମାନଙ୍କ କେତେ ପ୍ରାପ୍ୟ ବା ଦରମା ଠିକ୍ ସୂଚନା ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଶ୍ରମ ବିଭାଗ ଏହାର ଯାଞ୍ଚ କଲେ ଘଟଣା ଜଣାପଡିବ ବୋଲି ସହର ନିବାସୀ ପ୍ରଦୀପ କୁମାର ମହାନ୍ତି କହିଛନ୍ତି।

### ଘସିପୁରାରେ ରାଜନୈତିକ ହିଂସା, ଜଣେ ଗୁରୁତର

ରାମଚନ୍ଦ୍ରପୁର,୧୬।୬(ଗଣେଶ୍ୱର ସା)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ିକାଶୁଳବାହାଲି ଗ୍ରାମରେ ରାଜନୈତିକ ହିଂସା ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଚିକିତ୍ସାପାଇଁ ତାଙ୍କୁ କଟକ ଡାକ୍ତରଖାନା ସ୍ଥାନାନ୍ତରର କରାଯାଇଛି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ଖଡ଼ିକାଶୁଳବାହାଲୀ ଗ୍ରାମର ନୁଆସାହିଠାରେ କେତେଜଣ ଲୋକ ତାସ ଖେଳୁଥିବା ବେଳେ ଦାନ୍ତିଆ ଗ୍ରାମର ନିଶିକାନ୍ତ ରାଉତ, ପ୍ରକାଶ ମଲ୍ଲିକ, ଲୋକଶେଖର ନାୟକ, ଚିନ୍ମୟ ରାଉତ ସେଠାରେ ପହଞ୍ଚି ବିଜେଡିକୁ ଭୋଟ କାହିଁକି ଦେଲନାହିଁ ବେଲି କହିବା ସହ ଗାଳିଗୁଲଜ କରିଥିଲେ। ସେଠାରେ ଖେଳ ଦେଖୁଥିବା ଖଡିକାଶୁଳବାହାଲି ଗ୍ରାମର ମନୋରଞ୍ଜନ ଜେନା ପ୍ରତିବାଦ କରିବାରୁ ଦାନ୍ତିଆ ଗ୍ରାମର ଯୁବକମାନେ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକ ସଙ୍ଗେ ସଙ୍ଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ ରାମଚନ୍ଦ୍ରପୁର ଥାନା ପୋଲିସ ଏକ ମାମଲା(ନଂ. ୨୭୧/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ସ୍ୱାମୀ ବିବେକାନନ୍ଦ ଲୋକସଂସଦର ପାଠଚକ୍ର

କେନ୍ଦୁଝର, ୧୬।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)- ସ୍ୱାମୀ ବିବେକାନନ୍ଦ ଲୋକସଂସଦ କେନ୍ଦୁଝର ଶାଖାର ୪୪ତମ ଆଭାସି ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ମୁଖ୍ୟ ଆଲୋଚକ ଡ. ରଜତ କୁମାର ପ୍ରଧାନ ଯୋଗଦେଇ ଗୀତାର ଷଷ୍ଠ ଅଧ୍ୟାୟ ଶେଷ ଭାଗ ଆତ୍ମସଂଯମ ଯୋଗ ଓ ଭଗବାନଙ୍କ ସହ ଯୋଡ଼ି ହେବାର ମାର୍ଗଦର୍ଶନ କରାଇଥିଲେ। ସ୍ୱାମୀ ବିବେକାନନ୍ଦ ଲୋକସଂସଦ କେନ୍ଦୁଝର ଶାଖାର ସଭାପତି ଡ. ବିଦ୍ୟାଧର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସତ୍‌କର୍ମ ଓ ଯୋଗ ମାର୍ଗ ସମ୍ପର୍କରେ ବୁଝାଇବା ସହ ଗୀତାର ଆଧ୍ୟାତ୍ମିକ ଉଦ୍ଦେଶ୍ୟର ପ୍ରାୟୋଗିକ ରୂପାୟନ ସମ୍ପର୍କରେ ନିଜ ମତ ରଖିଥିଲେ। ସାହିତ୍ୟ ବିଭାଗ ସଦସ୍ୟ ତଥା ଡି.ଏନ୍. ହାଇସ୍କୁଲ ଅଳତିର ଶିକ୍ଷକ ସୁରେଶ ନାଥ ଜେନା ସଂଯୋଜନା କରିଥିଲେ। ସଦସ୍ୟା ପଦ୍ମିନୀ ସାହୁ ପ୍ରାରମ୍ଭରେ ବେଦପାଠ ଏବଂ ଶୁଭଶ୍ରୀ ଓଝା ବିବେକବାଣୀ ଉଚ୍ଚାରଣ କରିଥିଲେ। ମୋ ଗାଁ ପରିଷଦର ସଦସ୍ୟ ନାରାୟଣ ଚନ୍ଦ୍ର ବୋଇତାଇ ଶାନ୍ତିପାଠ କରିଥିଲେ। ସମ୍ପାଦକ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ସମେତ ପ୍ରାୟ ୭୫ଜଣ ଶ୍ରୋତା ପାଠଚକ୍ରରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଦସ୍ୟ ରଘୁନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଗୁମ୍ଫା ଭିତରେ ପୂଜା ପାଆନ୍ତି ଦ୍ରୌପଦୀ



ଗୁମ୍ଫାର ପ୍ରବେଶ ପଥରେ ଶ୍ରଦ୍ଧାଳୁଙ୍କ ଭିଡ଼।



ରାଜାରାଜୁଡା ଶାସନର ଅବସାନ ପରେ ଏହି ଶକ୍ତି ପୀଠର ବିକାଶ ନେଇ କେହି ଉଦ୍ୟମ କରି ନାହାନ୍ତି। ଏବେ ୫-ଟି ଅଧୀନରେ କେତେକ ଉନ୍ନୟନ କାର୍ଯ୍ୟ ହୋଇଛି। ଆହୁରି ଅନେକ କାର୍ଯ୍ୟ ଆବଶ୍ୟକତା ରହିଛି।

**-ନାରଦ ଚନ୍ଦ୍ର ନାୟକ , ଅବସରପ୍ରାପ୍ତ ଶିକ୍ଷକ**



ରାଜା ଗୋବିନ୍ଦ ଭଞ୍ଜଙ୍କ ସମୟରୁ ଏହି ଶକ୍ତି ପୀଠରେ ପୂଜାର୍ଚ୍ଚନା ଚାଲିଛି। ବହୁ ମାନସିକଧାରୀଙ୍କ ମନସ୍କାମନା ପୂରଣ ହେଉଛି। ରଜ ୩ଦିନ ଯାକ ଅନେକ ମାନସିକ ଧାରୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ।

**-କୃଷ୍ଣଚନ୍ଦ୍ର ନାୟକ, ଟ୍ରଷ୍ଟ କମିଟି ସଦସ୍ୟ।**



ଏଠାରେ ପାନୀୟ ଜଳ, ସୋଲାର ଲାଇଟ୍ ଓ ଗୁମ୍ଫା ଉପରେ ଶ୍ରଦ୍ଧାଳୁ ଆଶ୍ରୟ ନେବାକୁ ଏକ ସେଡର ଆବଶ୍ୟକତା ରହିଛି।

**-ଚପଳଚାନ୍ଦ ରଣ ସିଂ, ଗଣ୍ଡବେଡା ସରପଞ୍ଚ।**

ପାଟଣା, ୧୬।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାର ପଡ଼ା ବ୍ଲକ ଗଣ୍ଡବେଡା ପଞ୍ଚାୟତ ଦାସପଡ଼ା ମୌଜା ଦ୍ରୌପଦୀ ହୁଡି ଗୁମ୍ଫା ଭିତରେ ପୂଜା ପାଇ ଆସୁଛନ୍ତି ଦ୍ରୌପଦୀ ଦେବୀ। ଏଠାରେ ରଜ ୩ ଦିନ ଧରି ଦ୍ରୌପଦୀ ଦେବୀଙ୍କୁ ପୂଜା କରାଯାଇଥାଏ। ଏଠାରେ ରଜ ଉତ୍ସବକୁ ଆହୁରି ଆକର୍ଷଣୀୟ କରିବା ଲାଗି ଏହାର ସଂଲଗ୍ନରେ ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଜିଲା ଓ ଜିଲା ବାହାରୁ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗେ।

**ରଜରେ ଦିଆଯାଏ ସ୍ୱତନ୍ତ୍ର ବଳି**

କିମ୍ବଦନ୍ତୀ ଅନୁଯାୟୀ ତତ୍କାଳୀନ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜଙ୍କ ଅମଳରୁ ଘଟଗାଁ ତାରିଣୀଙ୍କ ପରେ ଏଠାରେ ଦେବୀ ଦ୍ରୌପଦୀଙ୍କ ଆବିର୍ଭାବ ହୋଇଥିଲା। ସ୍ୱପ୍ନାଦେଶ ପରେ ରାଜା ଗୋବିନ୍ଦ ଭଞ୍ଜ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏହି ପ୍ରମୁଖ ଶକ୍ତି କେନ୍ଦ୍ରରେ ୧୦ ବର୍ଷରେ ଥରେ ଦଶନ୍ତିରେ ପଣ୍ଡା ବଳି ଦିଆଯାଉଥିଲା। କିଛି ବର୍ଷ ହେବ ହେବ ଦଶନ୍ତି ବନ୍ଦ ରହିଛି। କଥିତ ଅଛି ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବଙ୍କ ବନବାସ ସମୟରେ ଅଜ୍ଞାତବାସ କାଳରେ ମାତା ଦୌପଦ୍ରୀ ଏହି ଗୁମ୍ଫାରେ ଆଶ୍ରୟ ନେଇଥିଲେ। ଉଦୟପୁର ଦଣ୍ଡପାଟ ଅଧୀନ ଏହି ଶକ୍ତି ପୀଠରେ ୧୮ଟି ମୌଜାରୁ ରବିବାର ଶେଷ ରଜରେ ପରମ୍ପରା ଅନୁଯାୟୀ ୧୮ଟି ବୋଦା ବଳିପଡ଼ିଛି। ବୋଦାଗୁଡ଼ିକୁ ଗୁମ୍ଫା ମଧ୍ୟରେ ଥିବା ଦେବୀ ଦ୍ରୌପଦୀ ଓ ପ୍ରବେଶ ପଥରେ ଥିବା ଦ୍ୱାରଶୁଣି ଦେବୀଙ୍କ ନିକଟରେ ପୂଜା ହେବା ପରେ ଗୁମ୍ଫା ଉପରେ ବଳି ଦେଇ ରକ୍ତ ନେଇ ଦେବୀଙ୍କ ନିକଟରେ ସମର୍ପଣ କରାଯାଇଥାଏ। ଏଥିସହ ଅପୁତ୍ରିକ ମହିଳାମାନେ ଏଠାରେ ପୁତ୍ର ବତୀ ହେବାକୁ ମାନସିକ କରିଥାନ୍ତି। ଆଉ ମାନସିକ ପୂରଣ ହେଲେ ବୋଦା ଓ କୁକୁଡ଼ା ବଳି ଦେଇଥାନ୍ତି। ଏହି ପୀଠର ଉନ୍ନତି ପାଇଁ ଆର୍ଥିକ ବର୍ଷ ୨୦୨୩-୨୪ରେ ୫-ଟି ଅଧୀନରେ ତୋରଣ ପାଇଁ ୧୫ ଲକ୍ଷ, ହୁଡି ଉପରକୁ ପାହାଚର ଟାଇଲ୍ସ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପୀଠର ଉନ୍ନତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ହାତୀ ଭୟ: ଫିକା ପଡ଼ିଲା ରଜ

ବାରିପଦା,୧୬।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଉତ୍ପାତ ଚଳାଇଥିବା ହାତୀପଲ।

ମୟୂରଭଞ୍ଜ ଜିଲାରେ ହାତୀପଲଙ୍କ ଉତ୍ପାତ ଯୋଗୁ ରଜପର୍ବ ଫିକା ପଡ଼ିଥିବା ଦେଖିବାକୁ ମିଳିଛି। ଜୀବନପ୍ରତି ବିପଦ ଆଶଙ୍କା କରି ଲୋକେ ପର୍ବ ପାଳନକୁ ମନଭରି ଉପଭୋଗ କରିପାରି ନାହାନ୍ତି। ଅନେକ ସ୍ଥାନରେ ଗାଁ ମୁଣ୍ଡରେ ଗଜରାଜ ଚିତ୍କାର କରୁଥିବା ବେଳେ ଭୟରେ ଲୋକେ ଘରୁ ବାହାରିବାକୁ ସାହାସ ଜୁଟାଇ ପାରିନାହାନ୍ତି। ଜଙ୍ଗଲ ରାସ୍ତାରେ ମଧ୍ୟ ଲୋକେ ଚଳପ୍ରଚଳ କରିବାକୁ ନିରାପଦ ମଣୁନାହାନ୍ତି।

କିଛି ଦିନ ହେଲା ଶିମିଳିପାଳ ଅଭୟାରଣ୍ୟ ଓ ଝାଡ଼ଖଣ୍ଡରୁ ଆସି ବେତନଟୀ ରେଞ୍ଜ ଅଞ୍ଚଳରେ ଆଡ୍ଡା ଜମାଇଥିବା ହାତୀପଲକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ୬୮ଟି ହାତୀ ରହି ଆତଙ୍କ ଖେଳାଇ ଚାଲିଛନ୍ତି। ଏହି ରେଞ୍ଜ ଅଞ୍ଚଳର ଖଡିଶୋଳ, ଶଙ୍ଖଯୋଡ, କଙ୍କିଶୋଳ, ଗିଧିନିଶୋଳ ଓ ଶଗଡଭଙ୍ଗା ଅଞ୍ଚଳରେ ୧୯ଟି, ବଡାମପୁର, କାପୋଇ ଓ ପଥରଚାଟିଆ ଅଞ୍ଚଳରେ ଗୋଟିଏ, କ୍ଷୀରିପଦା, ମୋହନପୁର, ଖଇରବଣୀ ଅଞ୍ଚଳରେ ୪ଟି, ଦୁର୍ଗାପୁର, ସୁନାହଜା, ଛାଡକଟା, ତାଡକି, ହରିଣଶୋଳ ଅଞ୍ଚଳରେ ୪୪ଟି ହାତୀ ରହିଥିବା ନେଇ ବେତନଟୀ ରେଞ୍ଜର ମନୱର ଖାନ କହିଛନ୍ତି। ପ୍ରତିଦିନ ହାତୀ ଘର ଭାଙ୍ଗି ଖାଦ୍ୟ ଖାଉଥିବା ବେଳେ ଅନେକ ନଷ୍ଟ କରିବାରେ ଲାଗିଛନ୍ତି । ପରିବା କ୍ଷେତରେ ପଶି ପନିପରିବା ଖାଇବା ସହ ମାଡିଚକଟି ଚାଲିଛନ୍ତି। ହାତୀପଲ ମାସ ମାସ ଧରି ସଂରକ୍ଷିତ ଜଙ୍ଗଲରେ ରହୁଥିବା ବେଳେ ବନ କର୍ମଚାରୀମାନେ ଜଗିବାରେ ବିଫଳ ହେଉଛନ୍ତି। ହାତୀର ଚଲାପଥ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଉ ନ ଥିବାରୁ ଅନେକ ଲୋକ ହାତୀ ହାବୁଡରେ ପଡି ଜୀବନ ହରାଉଛନ୍ତି। ତେବେ ଅଭୟାରଣ୍ୟରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନ ଥିବାରୁ ସେମାନେ ଗାଁ ମୁହାଁ ହେଉଛନ୍ତି। ଲୋକେ ବାଣ ରୋଷଣୀ ବାଜା ମାଧ୍ୟମରେ ହାତୀକୁ ଘଉଡାଇବା ପାଇଁ ଚେଷ୍ଟା କରୁଛନ୍ତି । ଏଥିରେ ବିରକ୍ତି ଭାବ ଆଣି ପାଇଲଟ ହାତୀ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ନଜିର ମଧ୍ୟ ରହିଛି । ବନ କର୍ମଚାରୀମାନେ ହାତୀର ଚଲାପଥ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଚେଷ୍ଟା କରୁଥିଲେ ମଧ୍ୟ କର୍ମଚାରୀ ଅଭାବ ପାଇଁ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ଏପରି ସ୍ଥଳେ ବନ ବିଭାଗ ପକ୍ଷରୁ ହାତୀର ସୁରକ୍ଷା ସହିତ ଖାଦ୍ୟାଭାବ ପୂରଣ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅନେକ ସମୟରେ ହାତୀ-ମଣିଷ ଲଢେଇ ହେଉଛି । ଫଳରେ ହାତୀ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଅନେକ ଗୋଠଛଡ଼ା ହୋଇ ଏଣେତେଣେ ବୁଲୁଛନ୍ତି। ତେବେ ହାତୀ ଭୟରେ ରଜ ପର୍ବରେ ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥିବାରୁ ରଜ ପର୍ବ ଫିକା ପଡ଼ିଥିବା ସ୍ପଷ୍ଟ ବାରି ହୋଇ ପଡିଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୧୬।୬(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର ଅସନବଣି ନିକଟରେ ଶନିବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ୍ ଚଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତ ପାଡ଼ିଆର ସାହିର ରାମଚନ୍ଦ୍ର ଗଗରାଇଙ୍କ ପୁଅ ରାଜୁ (୨୫)।

ସୂଚନା ଅନୁଯାୟୀ କରଞ୍ଜିଆରୁ କାମ ସାରି ବାଇକ୍ ଯୋଗେ ରାଜୁ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧୦ଟା ସମୟରେ ଅସନବଣି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୧୬।୬(ରବିନାରାୟଣ ପାତ୍ର)

ଜଳେଶର ବ୍ଲକ ଅଧୀନ ଧାନଘେରା ମେଳା ପଡ଼ିଆ ନିକଟରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ବରଡିହା ପଞ୍ଚାୟତ ଭୋଳ ଗ୍ରାମର ଗୌରାଙ୍ଗ ମହାନ୍ତ କାଳାଯୋଡ଼ି ଗ୍ରାମସ୍ଥିତ ଶ୍ୱଶୁର ଘରେ ରହୁଥିଲେ। ଗତ ୧୫ ତାରିଖ ସନ୍ଧ୍ୟାରେ ଧାନଘେରା ମେଳା ପଡ଼ିଆ ନିକଟରେ ଗୌରାଙ୍ଗ ପଡିଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଇବଣିଆ ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରଛନ୍ତି। ତାଙ୍କର ଦୁଇ ପୁଅ ଅଛନ୍ତି। ରବିବାର ସକାଳେ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ: ୩ ଆହତ

### ପ୍ରେମୀଯୁଗଳଙ୍କ ପିଛା କରୁଥିଲେ ଗ୍ରାମବାସୀ

ଜଳେଶ୍ୱର, ୧୬।୬(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଅଧୀନ ହାତୀଗଡ ନିକଟରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ପ୍ରେମୀଯୁଗଳ ଓ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳକ ଓ ରାଇବଣିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସାଥିରେ ନେଇ ବାଇକ ଯୋଗେ ଯାଉଥିବା ବେଳେ ନାବାଳିକାଙ୍କ ବଡ଼ମା ଦେଖି ଘର ଲୋକଙ୍କୁ ଜଣାଇଥିଲେ। ଘର ଲୋକ ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ଗାଡିକୁ ପିଛା କରିଥିଲେ। ପ୍ରେମିକ ନାବାଳକ ଏ ବିଷୟରେ ଜାଣିପାରି ଗାଡ଼ିର ବେଗ ବଢ଼ାଇଥିଲେ। ତେବେ ହାତୀଗଡ ପୋଷ୍ଟ ଅଫିସ ସମ୍ମୁଖରେ ଭାରସାମ୍ୟ ହରାଇ ହାତୀଗଡ ପଟୁ ରାଇବଣିଆ ଆଡକୁ ବାଇକରେ ଯାଉଥିବା ଜଣେ ଯୁବକଙ୍କ ଗାଡ଼ି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୩ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ନାବାଳିକା ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରାଇବଣିଆ ପୋଲିସ ପହଞ୍ଚି ଦୁଇଟି ବାଇକ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।


ମୋରଡ଼ାରେ ଗୀତ ପ୍ରତିଯୋଗିତାରେ ଭାଗନେଇଥିବା ଖଡ଼ିଆ ସମ୍ପ୍ରଦାୟର ଝିଅ ଓ ପୁଅ ଦଳ।

## ନିଆରା ଢଙ୍ଗରେ ରଜ ପାଳିଲେ ଖଡ଼ିଆ ସମ୍ପ୍ରଦାୟ ଲୋକେ

ବାରିପଦା(ନୀଳାଦ୍ରିବିହାରୀ ଦଣ୍ଡପାଟ)/ମୋରଡ଼ା
(ସ୍ମାରକ ମାଜୀ),୧୬।୬

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଦାନ୍ତିଆମୁହାଁ ପଞ୍ଚାୟତର ବଡ଼ଜାମବଣି ଖଡିଆ ସମ୍ପ୍ରଦାୟର ଲୋକେ ନିଆରା ଢଙ୍ଗରେ ରଜ ପର୍ବ ପାଳିଛନ୍ତି। ଏକା ଥରେ ୪ଜଣ ଝୁଲି ପାରିବା ଭଳି ରଜଦୋଳି ତିଆରି କରିଛନ୍ତି। ଯାହା ଲୋକଙ୍କୁ ବେଶ ଆକୃଷ୍ଟ କରୁଛି। ପୂର୍ବ ଭଳି ଗାଁ ଗଣ୍ଡାରେ ରଜ ପର୍ବ ପାଳନ ହେଉ ନ ଥିବା ବେଳେ ଖଡିଆ ସମ୍ପ୍ରଦାୟର ଲୋକେ ଉକ୍ତ ପର୍ବକୁ ନିଆରା ଢଙ୍ଗରେ ପାଳନ କରୁଛନ୍ତି।

ତେବେ ବହୁ ବର୍ଷ ଧରି ଏହି ସମ୍ପ୍ରଦାୟର ଲୋକେ ଗୀତ ପ୍ରତିଯୋଗିତାର ଆୟୋଜନ କରି ଜୀବନ ସାଥୀ ଚୟନ ଆସୁଥିବା ବେଳେ ଏବେ ଏହା ବନ୍ଦ ହୋଇଗଲାଣି। ବଡ଼ଜାମବଣି ପଡ଼ିଆରେ ପ୍ରତିବର୍ଷ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଅଞ୍ଚଳ ତଥା ଅଞ୍ଚଳ ବାହାରୁ ଖଡିଆ ସମ୍ପ୍ରଦାୟର ପୁଅ ଦଳ ଆସି ଖଡ଼ିଆ ଭାଷାରେ ଗୀତ ବୋଲନ୍ତି। ଯାହାକୁ ଖଡ଼ିଆ ଭାଷାରେ ବାଦୀ କୁହନ୍ତି। ତେବେ ଉକ୍ତ ଗୀତ ପ୍ରତିଯୋଗିତା ପୁଅ ଓ ଝିଅ ଦଳ ମଧ୍ୟରେ ହେଉଥିବା ବେଳେ ପ୍ରତିଯୋଗିତାରେ ଯଦି ଝିଅ ଦଳ ଜିତନ୍ତି, ତେବେ ଝିଅମାନଙ୍କ ମଧ୍ୟରୁ ଜଣେ ଝିଅ ପ୍ରତିପକ୍ଷ ପୁଅ ଦଳର ଜଣେ ପୁଅଙ୍କୁ ପସନ୍ଦ କରି ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି। ସେହିପରି ପୁଅ ଦଳ ଜିତିଲେ ଜଣେ ପୁଅ ପ୍ରତିପକ୍ଷ ଝିଅ ଦଳର ଜଣେ ଝିଅଙ୍କୁ ପସନ୍ଦ କରି ବିବାହ କରିବେ। ଉକ୍ତ ପରମ୍ପରା ବହୁ ବର୍ଷ ପୂର୍ବରୁ ଅନୁଷ୍ଠିତ ହେଉଥିବା ବେଳେ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଶିକ୍ଷାର ଅଗ୍ରଗତି ତଥା ଆଧୁନିକତାର ରାସ୍ତାକୁ ପାଥେୟ କରି ଖଡିଆ ସମ୍ପ୍ରଦାୟର ଲୋକେ ମଧ୍ୟ ଏବେ ଏମିତି ପରମ୍ପରା ଉପରୁ ମୁହଁ ଫେରାଉଛନ୍ତି। ତେବେ ବିଗତ ଦୁଇ ବର୍ଷ ହେବ ଗୀତ ପ୍ରତିଯୋଗିତା ହିଁ ହେଉଥିଲେ ମଧ୍ୟ ହାରଜିତରେ ଆଉ ଜୀବନ ସାଥୀ ବଛା ହେଉନାହିଁ ବୋଲି କହିଛନ୍ତି ପ୍ରତିଯୋଗୀ ଧର୍ମେନ୍ଦ୍ର ଦେହୁରୀ, ଦଶରଥ ଦେହୁରୀ,ପୂଜା ଦେହୁରୀ,ଅମ୍ବିକା ଦେହୁରୀ।

ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇ ଦମ୍ପତି ଏବେ ବେଶ ଖୁସିରେ ଅଛନ୍ତି ବୋଲି କହିଛନ୍ତି । ଉକ୍ତ ଗ୍ରାମର ସାଗର ଦେହୁରୀ ୮ ବର୍ଷ ତଳେ ଶୁଳିଆପଦା ବ୍ଲକର ବେତନା ଗ୍ରାମକୁ ଯାଇ ପ୍ରତିଯୋଗିତାରେ ଭାଗ ନେଇ କବିତା ଦେହୁରୀଙ୍କୁ ବିବାହ କରିଥିଲେ। ଏବେ ଉଭୟଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ବିବାହକୁ ନେଇ ସାଗର କହିଛନ୍ତିଯେ, ପ୍ରତିଯୋଗିତାରେ ସେ ଜିତି କବିତାଙ୍କୁ ପସନ୍ଦ କରିବା ପରେ ଗ୍ରାମର ମୁଖିଆ ଓ ଉଭୟ ପରିବାରର ନିଷ୍ପତ୍ତି କ୍ରମେ ବିବାହ ହୋଇଥିଲା। ଏବେ ପରିବାର ବେଶ ହସଖୁସିରେ ଅଛନ୍ତି ବୋଲି କହିଛନ୍ତି ସାଗର। ସେହିପରି ଉକ୍ତ ଗ୍ରାମର ରଣଜିତ ଦେହୁରୀ ମଧ୍ୟ ୭ ବର୍ଷ ପୂର୍ବେ ଏଭଳି ପ୍ରତିଯୋଗିତାରେ ଭାଗ ନେଇ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ଚଳିତ ବର୍ଷ କେନ୍ଦୁଛାଟିଆ, ବଡ଼ଯୋଡ଼,ଦାମଦୋରପୁରର ଜଣବଣି ଗ୍ରାମର ପୁଅ ଦଳ ଆସି ପ୍ରତିଯୋଗିତାରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଗୋପବନ୍ଧୁ ନଗର, ୧୬।୬
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ରବିବାର କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକର ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୧୦ ଜଣ କୃତୀ ଛାତ୍ରୀଛାତ୍ର ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗର ୨ ଜଣ ଓ କଳା ବିଭାଗର ୩ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ କରୁଣାକର ଧିନ୍ଦା, ସମ୍ମାନିତ ଅତିଥି କୁଆମରା ଆଞ୍ଚଳିକ ଡାକ୍ତରଖାନାର ଡାକ୍ତର ଶାନ୍ତନୁ କୁମାର ଜେନା ଓ ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୁଣାକର ଦାସ ଯୋଗଦେଇ ସଫଳତା ହାସଲ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୦ମ ଶ୍ରେଣୀର କୃତୀ ଛାତ୍ରୀଛାତ୍ର ଆର୍ଯ୍ୟାଉପାସିତା ପୃଷ୍ଟି, ଶିବ ପ୍ରସାଦ ଜେନା, ସୌର୍ଯ୍ୟା ସୁଚରିତା ପାତ୍ର, ଅଂଶୁମାନ ବେହେରା, ରଣଜିତ ମଲ୍ଲିକ, କ୍ରୀଷ୍ଣା କୁମାର ଦାସ, ଅର୍ପିତା ପରିଡା, କମଳ ଲୋଚନ ମୁର୍ମୁ, ପ୍ରଶନ୍ନଜିତ ନାଏକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭିଜିତ ବେହେରା, ପ୍ରୀୟ ଦର୍ଶନୀ ସାହୁ, ବାସନ୍ତୀ ମାର୍ଣ୍ଡି, ପ୍ରଣବ ମହଲା ଓ ବିଷ୍ଣୁ ପ୍ରିୟା ବେହେରାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରେସ କ୍ଲବର ସମ୍ପାଦକ ଡ. କୁମାର ବାବୁଲି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଟିମ୍‌ରେ ମୟୂରଭଞ୍ଜର ୨ ବାଳକ

### ଜାତୀୟ ଯୋଗ ଅଲିମ୍ପିୟାଡ ପ୍ରତିଯୋଗିତା

ବାରିପଦା,୧୬।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜାତୀୟସ୍ତରୀୟ ଯୋଗ ଅଲିମ୍ପିୟାଡ୍ ପ୍ରତିଯୋଗିତାରେ ଓଡ଼ିଶା ଟିମ୍ ପାଇଁ ମୟୂରଭଞ୍ଜ ଜିଲାର ୨ କ୍ରୀଡ଼ାବିତଙ୍କୁ ଚୟନ କରାଯଶଇଚି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର ପତ୍ରାଙ୍କ ସଂଖ୍ୟା ୧୫୨୨୩/୪ଜୁନ ୨୦୨୪ ଅନୁଯାୟୀ ଚଳିତ ମାସ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକ ରାଜ୍ୟ ମହିସୁରର ମାନସଗଙ୍ଗୟିତ୍ରୀଠାରେ ୧୪ ଓ ୧୬ ବର୍ଷରୁ କମ ବର୍ଗର ବାଳିକାବାଳକମାନଙ୍କର ଯୋଗ ଅଲିମ୍ପିୟାଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ବର୍ଷରୁ କମ୍ ବାଳକ ବିଭାଗରେ ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ରିଷ୍ଣା ନାୟକ ଓ ୧୬ ବର୍ଷରୁ କମ୍ ବିଭାଗରେ ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରିଷ୍ଣା ଦାସ ସାମିଲ ହୋଇଛନ୍ତି। ଏହି ସଫଳତା ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଏବଂ ଯୋଗ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ଦାସ ଉପସ୍ଥିତ ରହି କୃତୀ କ୍ରୀଡ଼ାବିତ ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି।


୨ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ୩୫ ୟୁନିଟ ରକ୍ତ ସଂଗ୍ରହ

ବାରିପଦା,୧୬।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭୀଷଣ ଗରମ ପାଗ ସହିତ କଲେଜ ତଥା ବହୁ ଅନୁଷ୍ଠାନ ବନ୍ଦ ଥିବାରୁ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଯାଉଛି। ଫଳରେ ବହୁ ରୋଗୀ ରକ୍ତ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ସମୟରେ ମୟୂରଭଞ୍ଜ ଜିଲା ମହେଶ୍ୱରୀ ସଭାର ସଦସ୍ୟଗଣ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିବାରୁ ରକ୍ତଭଣ୍ଡାର ଅଧିକାରୀ ଡ. ସୌମ୍ୟ ରଞ୍ଜନ ନାୟକ କୃତଜ୍ଞତା ଜ୍ଞାପନ କରିବା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଅନୁଷ୍ଠିତ ଏହି ଶିବିରରେ ୬ ଜଣ ମହିଳାଙ୍କ ସମେତ ମୋଟ ୩୫ ଜଣ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମଧ୍ୟ ସଂସ୍ଥା ଓ ରକ୍ତଭଣ୍ଡାର ତରଫରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଜିତେନ୍ଦ୍ର କର୍ଣ୍ଣାନୀ, ଅନୁଜ କର୍ଣ୍ଣାନୀ, ଧର୍ମେନ୍ଦ୍ର ଭଟ୍ଟର, ଜେ କେ ଭଟ୍ଟର, କମାଲ ଜୀ କର୍ଣ୍ଣାନୀ ଓ ମନୋଜ ଭଟ୍ଟର ଓ ସମାଜସେବୀ ଅମର କୁମାର ସେଠି ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଡ. ନୀଲେଶ ଦାସଙ୍କ ନେତୃତ୍ୱରେ ପାର୍ଥସାରଥୀ ମହାନ୍ତ, ପୁଣ୍ଡରିକାକ୍ଷ ଦାସ, ରୁଚିକା ଖୁରାନା ଓ ଛବି ମହାନ୍ତ ରକ୍ତ ସଂଗ୍ରହ କରିଥିଲେ।

## ବାରିପଦାରେ ୨ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ବାରିପଦା,୧୬।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଶୋଭାଯାତ୍ରାରେ ୨ ମନ୍ତ୍ରୀ ଓ ଏମ୍‌ପି ନବ ଚରଣ ମାଝୀ।

ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ମୟୂରଭଞ୍ଜ ଜିଲାର ୨ ମନ୍ତ୍ରୀଙ୍କୁ ରବିବାର ସ୍ୱାଗତ କରାଯାଇଛି। ବାରିପଦା ପାଲବଣି ଛକରେ ଭାଜପା କର୍ମକର୍ତ୍ତା ଓ ଶୁଭେଚ୍ଛୁମାନେ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବାଜା, ବାଣ ରୋଷଣି ଓ ବାଦ୍ୟନୃତ୍ୟରେ ବାରିପଦା ସହର ପ୍ରକମ୍ପିତ ହୋଇଥିଲା। ପରେ ବାରିପଦା ସହରରେ ଥିବା ବିଜୁ ପଟ୍ଟନାୟକ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ୨ ମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ସହର ପରିକ୍ରମା ପରେ ତକତପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଲୋକସଭା ଏମ୍‌ପି ନବ ଚରଣ ମାଝୀ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜୋଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଭାଜପା ଜିଲା ସଭାପତି(ପୂର୍ବ) କାନ୍ଦରା ସୋରେନ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ନବୀନ ରାମ, ପଶ୍ଚିମ ଜିଲା ସଙ୍ଗଠନର ସଭାପତିଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲାର ବିକାଶ ତଥା ଜିଲାବାସୀଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରି ଦୀର୍ଘ ଦିନର ଦାବିକୁ ପୂରଣ କରାଯିବ ବୋଲି ମଞ୍ଚାସୀନ ନେତୃବୃନ୍ଦ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ବେତନଟୀ ଓ ବୈଶିଙ୍ଗାରେ ସ୍ୱାଗତ

ବୈଶିଙ୍ଗା,୧୬।୬(ରତନ ଦାଶ): ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆଙ୍କୁ ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦାୟିତ୍ୱ ନେବା ପରେ ୨ ମନ୍ତ୍ରୀ ପ୍ରଥମଥର ପାଇଁ ଜିଲା ଗସ୍ତରେ ଆସିବା ଅବସରରେ ରବିବାର ଅପରାହ୍ଣରେ କଳମା ବୈଶିଙ୍ଗା ଓ ବେତନଟୀଠାରେ ଜନସାଧାରଣଙ୍କ ପକ୍ଷରୁ ଉଭୟଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୈଶିଙ୍ଗାଠାରେ ଜିଲା ଏସ୍‌ସି ମୋର୍ଚ୍ଚାର ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ରତିକାନ୍ତ ମହାନ୍ତ, ପ୍ରଶାନ୍ତ ସାମଲ, ସୁଦର୍ଶନ ନାୟକ, ଚନ୍ଦ୍ରହାସ୍ୟ ପାଣିଗ୍ରାହୀ, ବେତନଟୀ ବ୍ଲକ ପୂର୍ବତନ ଚେୟାରମ୍ୟାନ କାଳିଚରଣ ଟୁଡୁ , ଜିଲା ପରିଷଦ ସଭ୍ୟ ଜଗନ୍ନାଥ ମଲ୍ଲିକ, ମହିଳା ମୋର୍ଚ୍ଚାର ବହୁ ସଦସ୍ୟା, ବୈଶିଙ୍ଗା ମିଡିଆ ସେଣ୍ଟର ପକ୍ଷରୁ ଖବରଦାତା ବିମଳେନ୍ଦୁ ମହାପାତ୍ର, ଦୀପକ କୁମାର ସିଂହ, ସୀତାନାଥ ବେହେରା ପ୍ରମୁଖ ସମ୍ବର୍ଦ୍ଧନା ସମାରୋହରେ ଯୋଗଦାନ କରିଥିଲେ। ଏହି ଅବସରରେ ଆଦିବାସୀ ମହିଳାମାନଙ୍କ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ମନ୍ତ୍ରୀ ମଧ୍ୟ ଆନନ୍ଦରେ ସେମାନଙ୍କ ସହିତ ମିଶି କିଛି ସମୟ ନୃତ୍ୟ କରିଥିଲେ। ସେହିପରି ବେତନଟୀ ବଙ୍ଗଳାଛକଠାରେ ଶତାଧିକ ସମର୍ଥକ ୨ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରଦୀପ କୁମାର ପରିଡା, ଜଗବନ୍ଧୁ ପଣ୍ଡା, ରାଜକିଶୋର ସାହା, ଜୀବନ କୁମାର ପରିଡ଼ା, ତପନ କୁମାର ପରିଡ଼ା, କୁନା ମହାନ୍ତ, ଆଗ୍ରିଆ ସରପଞ୍ଚ ମିନତୀ ସିଂ, ଜିଲା ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ଅନିନ୍ଦିତା ସାହୁ, ଅଲୟ ପ୍ରଧାନ, ଖଗେନ୍ଦ୍ର ସାହୁ, ଶିଶିର ବେହେରା, ପପୁ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଶିଙ୍ଗାରେ ସମର୍ଥକଙ୍କ ଗହଣରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର।

# ସାହିତ୍ୟ ଏକ ତୀର୍ଥସ୍ଥଳୀ, ଯେଉଁଠି ଶୁଦ୍ଧ ହୋଇଥାଏ ଆତ୍ମା

**ବାଲେଶ୍ୱର, ୧୬।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୭ତମ ଶ୍ରାଦ୍ଧଦିବସ ସହରସ୍ଥିତ ଶାନ୍ତିକାନନରେ ପାଳନ କରାଯାଇଛି। ପ୍ରତ୍ୟୁଷରେ ପରିଷଦର ସଦସ୍ୟମାନଙ୍କ ଗହଣରେ ଶାନ୍ତିଘାଟଠାରେ ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ନିଜର ଭକ୍ତିନୈବେଦ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ପରିଷଦ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ଫକୀରମୋହନଙ୍କ ରଚିତ ଗୋଟିଏ ଗୀତକୁ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ଶାନ୍ତି ବିଶି, ତୃପ୍ତିରାଣୀ ପାତ୍ର, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ଅମିତା ଚାନ୍ଦ, କୃଷ୍ଣା ପ୍ରଧାନ ଓ ଶାନ୍ତିଲତା ପଣ୍ଡା ପ୍ରମୁଖ ସମବେତ ଭାବେ ଗାନ କରିଥିଲେ। ତବଲାରେ ଗୁରୁ ଲକ୍ଷ୍ମୀଧର ଜେନା ସହଯୋଗ କରିଥିଲେ।



ଫକୀରମୋହନ ସେନାପତିଙ୍କର ଶ୍ରାଦ୍ଧଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିଗଣ।

ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଅତିଥି ଭାବେ ଯୋଗଦେଇ ବ୍ୟାସକବିଙ୍କ ପ୍ରତି ନିଜର ଶବ୍ଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ଏକ ତୀର୍ଥସ୍ଥଳୀ, ଯେଉଁଠି ମନ ଓ ଆତ୍ମା ଶୁଦ୍ଧ ହୋଇଥାଏ। ଅନତିକ୍ରମଣୀୟ ସ୍ରଷ୍ଟା ବ୍ୟାସକବି ନିଜ ସାହିତ୍ୟକୁ ସେହିପରି ଏକ ତୀର୍ଥସ୍ଥଳୀରେ ପରିଣତ କରିଦେଇଛନ୍ତି। ଏହି ଅବସରରେ ବାଲେଶ୍ୱର ନବନିର୍ବାଚିତ ବିଧାୟକ ଦତ୍ତ ଓ ରେମୁଣା ବିଧାୟକ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବ୍ୟାସକବି ଫକୀରମୋହନଙ୍କ ଶ୍ରାଦ୍ଧ ଦିବସ

ଶେଷରେ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଦୀନବନ୍ଧୁ ଲେଙ୍କା, ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ନିବାରଣ ଜେନା, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ଭାଗବତ ପ୍ରସାଦ ଦାସ, ଅଞ୍ଜଳି ପଣ୍ଡା, ଡ. ସୁକାନ୍ତ କୁମାର ଗିରି, ସ୍ମୃତି ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ରଞ୍ଜନ ବାଗ, ଚିତ୍ରାରାଣୀ ପାତ୍ର, ଅନନ୍ତ ନାୟକ, ଗୋପୀକୃଷ୍ଣ ମହାନ୍ତି, ରମେଶ ଚନ୍ଦ୍ର ଜେନା, ରାମକୃଷ୍ଣ ପତି, ଅରୁଣା ରାୟ, ରଶ୍ମୀରେଖା ପତି, ସୁଷମା ମହାପାତ୍ର, ପଦ୍ମଲୋଚନ ଦେ, ଲକ୍ଷ୍ମୀକାନ୍ତ ବେହେରା, ଦୀପକ କୁମାର ଦାସ, କରୁଣା କର ସ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ସଞ୍ଜୟ କୁମାର ପଣ୍ଡା, ସୁକାନ୍ତ ଗିରି ଓ ବେଣୁଧର ସାହୁ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମହିଳାଙ୍କ ଆକସ୍ମିକ ମୃତ୍ୟୁ, କାରଣ ଅସ୍ପଷ୍ଟ

**ନୀଳଗିରି, ୧୬।୬(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତ ସାନକାଳିଆପଦା ଗ୍ରାମର ଜଣେ ଆଦିବାସୀ ମହିଳାଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ସୂଚନା ଅନୁଯାୟୀ, ୬ ମାସ ପୂର୍ବରୁ ସ୍ୱାମୀଙ୍କ ଦେହାନ୍ତ ହୋଇଥିବା ବେଳେ ନୀତି ସିଂ (୩୮) ନାମ୍ନୀ ମହିଳା ଦିନମଜୁରିଆ ଭାବେ କାର୍ଯ୍ୟ କରି ଚଳୁଥିଲେ। ହେଲେ ରବିବାର ସକାଳୁ ତାଙ୍କ ମୃତଦେହ ଘର ସମ୍ମୁଖରେ ପଡିଥିବା ପଡୋଶୀମାନେ ଦେଖି ନୀଳଗିରି ପୋଲିସକୁ ଖବର ଦେଇଥିଲେ। ନୀଳଗିରି ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ. ୨୮/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ନୀତିଙ୍କର ମୁଣ୍ଡର ପଛ ଭାଗ ଓ ଆଖିପତାରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ତାଙ୍କୁ କେହି ହତ୍ୟା କରିଥିବା ଅଞ୍ଚଳବାସୀ ସନ୍ଦେହ କରିଛନ୍ତି। ଶନିବାର ରାତିରେ ଗ୍ରାମରେ ଉଡା ପର୍ବ ଚାଲୁଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏଭଳି ଘଟଣା ଘଟାଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନୀଳଗିରି ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି।

# ୫୦ବର୍ଷରେ ଭୀମେଶ୍ୱର ଉଚ୍ଚ ବିଦ୍ୟାଳୟ

**ବାଲେଶ୍ୱର, ୧୬।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ପତ୍ରପାଳ ପଞ୍ଚାୟତ ଅଧୀନ ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଭୀମେଶ୍ୱର ମହାଦେବଙ୍କ ପୀଠ ନିକଟରେ ରହିଛି ଭୀମେଶ୍ୱର ଉଚ୍ଚ ବିଦ୍ୟାଳୟ। ୭୦ ଦଶକରେ ଉଚ୍ଚଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି କେତେକ ବୁଦ୍ଧିଜୀବୀ ଏହି ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଇତି ମଧ୍ୟରେ ଏହି ଉଚ୍ଚ ବିଦ୍ୟାଳୟ ୫୦ ବର୍ଷ ପୂରଣ କରିଛି। ଏହି ବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ସଫଳତାର ଶହ ଉତ୍ତୀର୍ଣ୍ଣ ହୋଇ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଏହି ସୁବର୍ଣ୍ଣ ଜୟନ୍ତୀ ବର୍ଷକୁ ଧୁମଧାମ୍‌ରେ ପାଳନ କରିବାକୁ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ର ତଥା ବର୍ତ୍ତମାନର ଆଲୁମିନି କମିଟି ଅଧ୍ୟକ୍ଷ ବିନୋଦ ଦାସ, ବଲାଙ୍ଗୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ସିଂହ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ବସନ୍ତ ପ୍ରଧାନ ପ୍ରମୁଖଙ୍କ ସଞ୍ଚାଳନାରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ପୁରାତନ ଛାତ୍ରମାନେ ଏକାଠି ହୋଇ ନିଜର ବିଦ୍ୟାଳୟ ଜୀବନର ସ୍ମୃତି ବଖାଣିଥିଲେ। ଏହାସହ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ଲାଗି ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଏହି କ୍ରମରେ ଆସନ୍ତା ୨୩ ତାରିଖ ରବିବାର ବିଦ୍ୟାଳୟ

### ସୁବର୍ଣ୍ଣ ଜୟନ୍ତୀ ପାଳନ ଲାଗି କମିଟି ଗଠିତ

ପରିସରରେ ଏକ ବୈଠକ ଆହ୍ୱାନ କରାଯାଇଛି। ବୈଠକରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ପୁରାତନ ଛାତ୍ର ରାଧାରଞ୍ଜନ ଦାସ, ଅନିରୁଦ୍ଧ ଦାସ, ଈଶ୍ୱର କୁମାର ଦାସ, ସତ୍ୟବ୍ରତ ଦାସ, ରତିକାନ୍ତ ଚୌଧୁରୀ, ଅମୂଲ୍ୟ ପରିଡା, ହରିଶ୍ଚନ୍ଦ୍ର ସାମଲ, ଧନଞ୍ଜୟ ଷଡ଼ଙ୍ଗୀ, ଗୋପୀନାଥ ରାଉତ, ତାପସ ରଞ୍ଜନ ରଥ, ସତ୍ୟରଞ୍ଜନ ରଥ, ରତିକାନ୍ତ ବେହେରା, ଚିରଞ୍ଜନ ଦାସ, ଦୁର୍ଗାମାଧବ ରଥ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା କର୍ମଚାରୀ ଉପସ୍ଥିତ ଥିଲେ।

# ସରିଲା ଗୋପାଳପୁର ରଜ ଉତ୍ସବ

**ବାହାନଗା, ୧୬।୬(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ଗୋପାଳପୁର ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ୬ଷ୍ଠ ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଦ୍ୱିତୀୟ ରଜରେ ନାଗରିକ ମଞ୍ଚ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଇଥିଲା । ଏଥିରେ ଝିଅମାନଙ୍କ ଦ୍ୱାରା ପୁଚି ଖେଳ ପ୍ରତିଯୋଗିତା ହୋଇଥିଲା। ଜୁନିୟର, ସିନିୟର ମହିଳା ବିଭାଗ ପକ୍ଷରୁ ମ୍ୟୁଜିକ୍ ଚେୟାର, ସ୍କିପିଂ, ଶଙ୍ଖଫୁଙ୍କା, କାନ୍ଦଣା, ଢଗଢମାଳି, ହୁଳୁହୁଳି ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦୋଳି ଖେଳ ହେବା ସହିତ ରଜ ପାନ, ଗୁପ୍ ଚୁପ୍ ମାଗଣାରେ ସମସ୍ତଙ୍କ ପାଇଁ ମଞ୍ଚ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଏହାସହିତ ରଜ ଉପଲକ୍ଷେ ଇଡ଼ିଲି ଓ ଘୁଗୁନି ମଧ୍ୟ ପ୍ରଦାନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ନାଗରିକ ମଞ୍ଚର ଆବାହକ ସୁଦର୍ଶନ ମହାପାତ୍ର, ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ସଂଯୁକ୍ତା ମିଶ୍ର ,ବରେନ୍ଦ୍ର ସେଠୀ ଓ ରମଣୀକାନ୍ତ ମିଶ୍ର ପ୍ରମୁଖ ନାଗରିକ ମଞ୍ଚର ସଦସ୍ୟାସଦସ୍ୟ ସହାୟତା କରିଥିଲେ। ଗ୍ରାମାଞ୍ଚଳରେ ରଜ ପର୍ବ ଦିନକୁ ଦିନ ହଜିଯାଉଥିବା ବେଳେ ନାଗରିକ ମଞ୍ଚର ଏଭଳି ଏକ ଅଭିନବ ପ୍ରୟାସକୁ ଉପସ୍ଥିତ ଜନସାଧାରଣ ପ୍ରଶଂସା କରିଥିଲେ। ଓଡିଆଙ୍କ ସଂସ୍କୃତିକୁ ଉଦ୍‌ଜୀବିତ ରଖିବା ପାଇଁ ନାଗରିକ ମଞ୍ଚର ଏହା ଏକ ପ୍ରୟାସ ବୋଲି ଆବାହକ ସୁଦର୍ଶନ ମହାପାତ୍ର ପ୍ରକାଶ କରିଥିଲେ।

# ନନ୍ଦୁରରେ କବି ସମ୍ମିଳନୀ, ସାହିତ୍ୟ ଆସର



କବି ସମ୍ମିଳନୀରେ ଉପସ୍ଥିତ କବି ଓ ଲେଖକ ବୃନ୍ଦ।

**ଖଇରା, ୧୬।୬(ଉତ୍କଳବନ୍ଧୁ ପଣ୍ଡା)**

ଶେଷ ରଜରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ଗ୍ରାମରେ ଶିଶୁ କବି ଲମ୍ବୋଦର ନନ୍ଦଙ୍କ ଆବାହକତ୍ୱରେ କବି ସମ୍ମିଳନୀ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରାବନ୍ଧିକ ଶରତ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ବେହୁରିଆ ଓ ମହେଶ୍ୱର ପଣ୍ଡା ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ରଜପର୍ବ ମାଟି, ବର୍ଷା ଓ ଉର୍ଜାର କଥା କହୁଥିବା ବେଳେ କଥା ସାହିତ୍ୟ ମୌସୁମୀରୁ ନୂଆ ନୂଆ ଜୀବନ ସଞ୍ଚରିତ କରାଇଥାନ୍ତି ବୋଲି କହିଥିଲେ। ଡା. ଉମେଶ ଚନ୍ଦ୍ର ମହାନ୍ତି ଓ ବିକାଶ କୁମାର ଶତପଥି କବିତାର ସଂଯୋଜନା କରିଥିଲେ। କବି ପୁରୁଷୋତ୍ତମ ବିଶ୍ୱାଳ, ଦୈତାରୀ ମଲ୍ଲିକ, ଶ୍ରୀଧର ପତ୍ରୀ, ମହେଶ୍ୱର ପଟ୍ଟନାୟକ, ପ୍ରସନ୍ନ ମଉଗଜ, ସନ୍ଧ୍ୟାରାଣୀ ପଟ୍ଟନାୟକ, ସଙ୍କୀର୍ତ୍ତନ ପଣ୍ଡା, ଗଗନ ବିହାରୀ ପଣ୍ଡା, ଅର୍ଜ୍ଜୁନ ଚରଣ ମହାରଣା, ନିରଞ୍ଜନ ପ୍ରସାଦ ବାରିକ, ପଦ୍ମନାଭ ଶନିବିଗ୍ରହ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶୁଭେନ୍ଦୁ କୁମାର ନନ୍ଦ, କଲ୍ୟାଣୀ ପଣ୍ଡା ଓ ନାରାୟଣ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଖଡ଼ଗପୁର ଆଇଆଇଟି ଇଞ୍ଜିନିୟର ସୁଜିତ ମହାନ୍ତିଙ୍କ ଦୂରବୀକ୍ଷଣ ଯନ୍ତ୍ର ଲୋକାର୍ପିତ



ଦୂରବୀକ୍ଷଣ ଯନ୍ତ୍ର ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥି।

**ନୀଳଗିରି, ୧୬।୬(ପ୍ରଶାନ୍ତ କୁମାର ବିଶ୍ୱାଳ)**

ଖଡଗପୁର ଆଇଆଇଟି ଇଞ୍ଜିନିୟର ସୁଜିତ କୁମାର ମହାନ୍ତିଙ୍କ ଦ୍ୱାରା ନିର୍ମିତ ଏକ ଦୂରବୀକ୍ଷଣ ଯନ୍ତ୍ର (ଟେଲିସ୍କୋପ) ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ରବିବାର ସନ୍ଧ୍ୟାରେ ନୀଳଗିରି ବ୍ଲକ ବଣସୀମା କିଶୋରଚନ୍ଦ୍ରପୁର ପଞ୍ଚାୟତ ତରତରୀ ବାଳିକା ବିଦ୍ୟାନିକେତନ ପରିସରରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବିଶିଷ୍ଟ କଥାକାର ତଥା କବି ପ୍ରଶାନ୍ତ ଦାସ ମଞ୍ଚାସୀନ ରହି ବହୁମୂଲ୍ୟ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ମନୋଜ କୁମାର ସି ବିଦ୍ୟାଳୟ ସମ୍ପର୍କରେ କହିଥିଲେ। ସମ୍ମାନନୀୟ ଅତିଥିମାନଙ୍କ ମଧ୍ୟରେ ଇଂ. ମନୋଜ ମହାନ୍ତି, ମନୋଜ କୁମାର ଦାସ, ଅଶେଷ କୁମାର ସ, ଅନନ୍ତରାମ ବେହେରା, କର୍ଣ୍ଣେଲ ଗୁଣକାର ବାରିକ, ବିଶିଷ୍ଟ କବି ପ୍ରଶାନ୍ତ ଦାସ ପ୍ରମୁଖଙ୍କ ସହ ମୁଖ୍ୟଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ହିନ୍ଦୀ ଶିକ୍ଷକ ଗୌରୀଶଙ୍କର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଅସହ୍ୟ ଗୁଳୁଗୁଳିକୁ ଘନ ଘନ ବିଦ୍ୟୁତ୍ କାଟ

**ରୂପସା, ୧୬।୬(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଜାମଶୂଳୀ ବିଦ୍ୟୁତ ସବ୍‌ଷ୍ଟେସନ ଉପରେ ୧୫ ହଜାର ଉପଭୋକ୍ତା ନିର୍ଭର କରିଥାନ୍ତି। ହେଲେ ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଓ ମନଇଚ୍ଛା ବିଦ୍ୟୁତ କାଟ ପାଇଁ ଉପଭୋକ୍ତା ମହଲରେ ଅସନ୍ତୋଷ ଲାଗିରହିଛି। ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଅଘୋଷିତ ବିଦ୍ୟୁତ କାଟ ଉପଭୋକ୍ତା ମାରଣ ନୀତିକୁ ପଦାରେ ପକାଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ସୂଚନା ମୁତାବକ ଏହି ବିଦ୍ୟୁତ ସେକ୍ସନ ଅଧୀନ ସିଂଲା, ପାଉଁଶକୁଲି, ମୁକୁଳିସି, ନାଇଖୁଡି –୧, ନାଇଖୁଡି –୨, ଖପରପଦା, ସୀତାଡିହା ଓ ମାଛରଙ୍କା ଆଦି ୮ଟି ଫିଡ଼ର ରହିଛି। ଖପରପଦା ଫିଡରରୁ ବାଲିଆପାଳ ଓ ସୀତାଡିହା, ମାଛରଙ୍କା ଫିଡରରୁ ରାଜଘାଟ ସେକ୍ସନକୁ ସଂଯୋଗ ଦିଆଯାଇ ବିଦ୍ୟୁତ ସେବା ଯୋଗାଣ ହୋଇଛି। ଏବେ ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ମରାମତି ନାଁ ରେ ବିଭିନ୍ନ ଫିଡରରେ ପାଳି କରି ଘନ ଘନ ବିଦ୍ୟୁତ କାଟ ସମସ୍ୟା ଲାଗିରହିଛି। ଫଳରେ ଏହି ବିଦ୍ୟୁତ ସେକ୍ସନ ଅଧୀନ ପ୍ରାୟ ୧୫ହଜାର ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି । ଅଧିକାଂଶ ସମୟରେ ତାଡଦା, ଗମ୍ଭାରିଆ ଓ ପାଉଁଶକୁଲି ଅଞ୍ଚଳରେ ରାତି ଦିନ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ହେଉଥିବା ଅଭିଯୋଗ ହୋଇଛି । ୨୪ଘଣ୍ଟା ବିଦ୍ୟୁତ ସେବା ଯୋଗାଇ ଦିଆଯିବାର ସରକାରୀ ନିର୍ଦ୍ଦେଶନାମା ରହିଥିବା ବେଳେ ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଓ ମନମୁଖୀ କାର୍ଯ୍ୟକୁ ଉପଭୋକ୍ତା ମହଲରୁ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ଜାମଶୂଳୀ ବିଦ୍ୟୁତ ସେକ୍ସନ ଜେଇ ରବୀନ୍ଦ୍ର ନାୟକଙ୍କୁ ପଚରାଯିବାରୁ ଯେଉଁ ଫିଡରରେ ଆବଶ୍ୟକ ମୁତାବକ ତ୍ରୁଟି ସଜଡା ଯାଉଛି, ସେଠାରେ ବିଦ୍ୟୁତ କାଟ ହେଉଛି। କେତେକ ସ୍ଥାନରେ ପୁରୁଣା କେବୁଲ ପରିବର୍ତ୍ତେ ନୂଆ କେବୁଲ ଲାଗୁଛି। ବିଦ୍ୟୁତ କାଟ ପାଇଁ ମାଇକ ଯୋଗେ ଉପଭୋକ୍ତାଙ୍କୁ ଅବଗତ କରାଯାଇଥାଏ । ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ଜାମଶୂଳୀ ବିଦ୍ୟୁତ ସେକ୍ସନର ଖାମଖିଆଲ ନୀତି

### ୧୫ହଜାର ଉପଭୋକ୍ତା ହନ୍ତସନ୍ତ

# ବିଶ୍ୱ ସାମୁଦ୍ରିକ କଇଁଛ ଦିବସ




ଖଣ୍ଡିଆ ମୁହାଣଠାରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତା।

**ବାଲେଶ୍ୱର, ୧୬।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ବଙ୍ଗୋପସାଗର ବେଳାଭୂମିର ଖଣ୍ଡିଆ ମୁହାଣଠାରେ ପରିବେଶ ପାଇଁ କାମ କରୁଥିବା ସାମାଜିକ ଆନୁଷ୍ଠାନ 'ଆରଣ୍ୟକ' କର୍ମକର୍ତ୍ତାମାନଙ୍କୁ ନେଇ ବିଶ୍ୱ ସାମୁଦ୍ରିକ କଇଁଛ ଦିବସ ପାଳିତ ହୋଇଛି। ସ୍ଥାନୀୟ ଅଧିବାସୀଙ୍କୁ କଇଁଛର ସୁରକ୍ଷା ପାଇଁ ହାତ ବଢାଇବାକୁ ଅନୁରୋଧ କରିଥିଲେ। ପ୍ଲାଷ୍ଟିକ ଓ ପରିତ୍ୟକ୍ତ ଜାଲ, ଭଙ୍ଗା ବୋତଲ, ପରିତ୍ୟକ୍ତ ଟ୍ରଲରର ଭଙ୍ଗା ଅଂଶ ମୁହାଣ ସନ୍ନିକଟ ଅବା ସମୁଦ୍ରକୂଳରେ ସଫା ହେବା ସହ ପ୍ରଦୁଷଣମୁକ୍ତ ହୋଇପାରିଲେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ପରିବେଶପ୍ରେମୀମାନେ ମତ ଦେଇଥିଲେ। ଏଥିସହିତ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ସହଯୋଗ କାମନା କରିଥିଲେ। ସଙ୍ଗଠନର ମୁଖ୍ୟ ସୁଧାକର ସେଠୀ, ପରିବେଶପ୍ରେମୀ ଉପାସନା ପଟ୍ଟନାୟକ, ଇଂ. ବିରୋଜ କୁମାର ରାଉତ, ଆଗ୍ନେସା ପଟ୍ଟନାୟକ, ମୋହିତ ସେଠୀ, ପ୍ରଣବ ପ୍ରକାଶ ଦାସ, ବରୁଣ କୁମାର ଗିରି, ଅଜୟ ସିଂ ଓ ଏସ୍‌ଏନ ଲିପ୍‌ସା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଜଳ ବିତରଣ ଶିବିର ପରିଚାଳନାକାରୀଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର, ୧୬।୬(ମାନସ ବିଶ୍ୱାଳ)**

ବାଲେଶ୍ୱରରେ ଜନକଲ୍ୟାଣକାରୀ ସଙ୍ଗଠନ 'ସହାୟକ' ଓ 'ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ'ର ମିଳିତ ସହଯୋଗରେ ଜଳ ବିତରଣ ଶିବିର ପରିଚାଳନାକାରୀଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଗତ ଏପ୍ରିଲ ପହିଲାରୁ ବାଲେଶ୍ୱର ଜିଲାପାଳଙ୍କ ମୁଖ୍ୟ ଫାଟକ ସମ୍ମୁଖରେ ପାନୀୟ ଜଳଦାନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ଅଢ଼େଇ ମାସ ଧରି ଚଳିତବର୍ଷ ପ୍ରବଳ ରୌଦ୍ରତାପରେ ଜଳ ବିତରଣ ଶିବିର ପରିଚାଳନା କରିଥିବା ସଦସ୍ୟମାନଙ୍କୁ ଏକ ସ୍ୱତନ୍ତ୍ର ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା।



ଜଳବିତରଣକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବୈଠକରେ 'ସହାୟକ'ର ସଭାପତି ଡ. କ୍ଷିତୀଶ୍ୱର ଦାଶ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଇଂ. ହୃଷିକେଶ ସାହୁ, କୋଷାଧ୍ୟକ୍ଷ ସତ୍ୟେନ୍ଦ୍ର ପ୍ରସାଦ ନାୟକ, ବରିଷ୍ଠ ଉପଦେଷ୍ଟା ବନମାଳୀ ନାୟକ, ବରିଷ୍ଠ ସଦସ୍ୟ ଗୌରାଙ୍ଗ ସାହୁ, ଦିବାକର ମହାପାତ୍ର, ଅରୁଣା ରାୟ ପ୍ରମୁଖ ବୀରେନ୍ଦ୍ର କୁମାର ମହନ୍ତ, ରବିନାରାୟଣ ଜେନା, ପ୍ରଫୁଲ୍ଲ ଦାସ, ଚିତ୍ତରଞ୍ଜନ ଜେନା, ଗଙ୍ଗାଧର ପୃଷ୍ଟି, ସତ୍ୟନାରାୟଣ ନାୟକ, ଅକ୍ଷୟ ତ୍ରିପାଠୀ, କାମିନୀକାନ୍ତ ପାଢ଼ୀ, କେଶବ ଚନ୍ଦ୍ର ମହାନ୍ତି, ଭାଗିରଥି ମହାନ୍ତି, ଶଶାଙ୍କ ଦତ୍ତ, ଭେବଶ ପଣ୍ଡା, ସେକ୍ ଆଲ୍ଲାଉଦ୍ଦିନ୍, କ୍ଷେତ୍ରମୋହନ ନାୟକଙ୍କ ସମେତ ଖବରଦାତା ରବି କୁମାର ପାଣିଗ୍ରାହୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷାଋତୁରେ ଚାରାରୋପଣ ଓ ଆସନ୍ତା ବାର୍ଷିକୀ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଦାମୋଦର ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା ଓ ବସନ୍ତ ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପୁରସ୍ତମ ବେହେରା ଧନ୍ୟବାଦ ଦେଇଥିଲେ।

# କାଳବୈଶାଖୀ ତାଣ୍ଡବ: ଗଛ ଭାଙ୍ଗିଲା, ଛପର ଉଡ଼ିଲା

**ଜଳେଶ୍ୱର(ନବୀନ ସାହୁ)/ ସୋର(ଜନ୍ମେଜୟ ମିଶ୍ର), ୧୬।୬**

ଶନିବାର ରାତିରେ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚିଛି। ବଡ ବଡ ଗଛ ଉପୁଡି ପଡିବା ସହ ବହୁ ଲୋକଙ୍କ ଛପର ଉଡିଯାଇଛି।

ଜଳେଶର ବ୍ଲକ ରାଇବଣିଆ ଅଞ୍ଚଳରେ ଖୁଆଡ, ବରଡିହା ଓ ଶ୍ୟାମନଗରଠାରେ ବଡ ବଡ଼ ଗଛ ଉପୁଡ଼ିବା ସହିତ ବହୁ ଚାଳ ଛପର ଓ ଆଜବେଷ୍ଟସ୍ ଉଡେଇ ନେଇଯାଇଛି। କିଛି ଘର ଉପରେ ଗଛ ମଧ୍ୟ ଉପୁଡ଼ି ପଡିଥିଲା ଓ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ରାସ୍ତା ଉପରେ ଗଛ ପଡିବା ଯୋଗୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। କ୍ଷତିଗ୍ରସ୍ତ କାଇଲୁ ସୋରେନ, ସୁମନ୍ତ ମହାନ୍ତି ଓ ଜଗେଶ୍ୱର ମହାନ୍ତଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି



ରାଇବଣିଆ ଅଞ୍ଚଳରେ ଭାଙ୍ଗିପଡିଥିବା ଆଜବେଷ୍ଟସ୍।

ହେଉଛି। ସେହିପରି ସୋର ବ୍ଲକର ମାଣିପୁର, ଗୋପୀନାଥପୁର, ମହୁମୁହାଣ, ମାଣତ୍ରୀ, କେଶରୀପୁର, ଦହିସଡା ଆଦି ପଞ୍ଚାୟତରେ ଗଛ ଭାଙ୍ଗି ରାସ୍ତାରେ ପଡିବା ସହିତ ରାସ୍ତା ଅବରୋଧ ହୋଇଥିଲା। ବିଦ୍ୟୁତ ତାର ଛିଣ୍ଡି ଯିବା ସହିତ ବିଭିନ୍ନ ସ୍ଥାନରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଖବରପାଇ ଅଗ୍ନିଶମ ବିଭାଗର ଦମକଳ ଏବଂ ସ୍ଥାନୀୟ ଲୋକେ ବିଭିନ୍ନ ସ୍ଥାନରେ ଗଛ କାଟିବା ପରେ ଯାନବାହନ ଚଳାଚଳ କରିଥିଲା। ସେହିପରି ବିଦ୍ୟୁତ ବିଭାଗର କର୍ମଚାରୀମାନେ ରବିବାର ଦିନତମାମ ବିଦ୍ୟୁତ ତାରକୁ ସଜାଡୁଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ନ ସରିବାରୁ ବିଭିନ୍ନ ସ୍ଥାନରେ ଏବେ ଅନ୍ଧାରରେ ରହିଛି। ଏହି କାଳବୈଶାଖୀ ବର୍ଷାରେ ନାୟକବନ୍ଧରେ ଥିବା କୃଷକବନ୍ଧୁ ନର୍ସରୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ନର୍ସରୀରେ ଥିବା ଗଛଗୁଡିକ ଭାଙ୍ଗି ପଡ଼ିଥିବା ବେଳେ ତଳି ପଡ଼ିଥିବା ଲକ୍ଷାଧିକ ଟଙ୍କାର ଚାରା ଉପରେ ଗଛ ଡାଳ ପଡି କ୍ଷତିଗ୍ରସ୍ତ ହୋଇଛି। ତେବେ କ୍ଷତିଗ୍ରସ୍ତ ନର୍ସରୀ ମାଲିକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

